## ଗଣପର୍ବ ମକର ପାଇଁ ଗାଁମୁହାଁ ସହରବାସୀ

# ମାଦଳର ତାଳେ ତାଳେ ନାଚଗୀତର ଆସର

**ବାରିପଦା, ୧୫।୧(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ପାଇଁ ବାରିପଦା ସମେତ ପ୍ରମୁଖ ସହର ଓ ବଜାର ଶୂନଶାନ। ପରମ୍ପରା ଅନୁଯାୟୀ ଏହି ପର୍ବ ପାଳନ ପାଇଁ ସମସ୍ତେ ନିଜର ପୈତୃକ ଗ୍ରାମ ବା ନିଜର ବନ୍ଧୁବାନ୍ଧବଙ୍କ ଘରକୁ ଯାଇଥାନ୍ତି। ଫଳରେ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଛି। ହୋଟେଲ ଜଳଖିଆ, ଚା' ଓ ପାନ ଦୋକାନ ମଧ୍ୟ ବନ୍ଦ ରହିଥିବା ଦେଖାଯାଇଛି। କାଁଭାଁ ଗୋଟେ ଅଧେକୁ ଛାଡ଼ିଦେଲେ ମାଲିକ କର୍ମଚାରୀଙ୍କଠାରୁ ଆରମ୍ଭ କରି ସମସ୍ତେ ମକର ପର୍ବ ପାଳନରେ ମସଗୁଲ। ଉଲ୍ଲେଖନୀୟ ବିଷୟ ଯେ, ଚଳିତ ଥର ଦ୍ୱିତୀୟ ଶନିବାର, ରବିବାର, ସୋମବାର ଓ ବୁଧବାର ୪ ଦିନ ସରକାରୀ ଛୁଟି ବନ୍ଦ ସ୍ଥିତିକୁ ଦ୍ୱିଗୁଣିତ କରିଛି। ଅଧିକାଂଶ ଯାତ୍ରୀବାହୀ ବସସେବା ମଧ୍ୟ ବନ୍ଦ ରହିଛି। ବାହାରୁ କେହି ଏହି ସମୟରେ ମୟୂରଭଞ୍ଜ ଜିଲ୍ଲାକୁ ଆସିଲେ ବନ୍ଦ ଡ଼ାକରାର ଭ୍ରମରେ ପଡ଼ିଥାନ୍ତି। ରବିବାର ବାଉଣ୍ଡି ପରେ ବୁଧବାର ପ୍ରତ୍ୟୁଷରେ ଜଳାଶୟରେ ବୁଡ଼ ପକାଇ ନୂତନବସ୍ତ୍ର ପରିଧାନ କରି ମକର ପଲା (କୁମା) ଜାଳି ସମସ୍ତେ ଆନନ୍ଦ ନେଇଛନ୍ତି। ସୋମବାର ସଂକ୍ରାନ୍ତି ପାଇଁ ମନ୍ଦିର ଓ ଧର୍ମପୀଠରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ଗାଁ ଗାଁରେ ମାଦଳର ଶବ୍ଦ ଓ ଟୁସୁ ଗୀତ ସାଙ୍ଗକୁ ତାସଖେଳ, କୁକୁଡ଼ା ଲଢ଼େଇ ଓ କ୍ରୀଡ଼ାପ୍ରତିଯୋଗିତାରେ ସମସ୍ତେ ମସଗୁଲ। ମୟୂରଭଞ୍ଜ ଜିଲ୍ଲାରେ ଖୁବ ଆଡ଼ମ୍ବର ସହିତ ପାଳିତ ହେଉଥିବା ଏହି କୃଷି ଭିତ୍ତିକ ପର୍ବରେ ଖରିଫ ଧାନ ଫସଲ ଅମଳ ପରେ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଚାଷ ଉପକରଣକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚାଷୀ ପରିବାରରେ ଖଳାରେ ପୂଜା ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଗ୍ରାମ ଦେବତୀଙ୍କ ମଠ ମନ୍ଦିରରେ ମକର ସଂକ୍ରାନ୍ତିରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ମକର ଚାଉଳ, ପିଠା ଓ ଲଡୁ ଭୋଗ ଲାଗିଛି। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଳା ବସିଛି। ଜିଲ୍ଲାର ଦ୍ୱାରଶୁଣୀ, ସମୀବୃକ୍ଷ ଓ ଭୀମକୁଣ୍ଡରେ ମକର ମେଳାର ଲୋକେ ଆନନ୍ଦ ନେଉଛନ୍ତି। କୁଡ଼ମୀ ସମ୍ପ୍ରଦାୟର ପ୍ରମୁଖ ଟୁସୁପର୍ବ କିନ୍ତୁ ଧୂମଧାମରେ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଟୁସୁମେଳାରେ ପ୍ରତିମା ବିସର୍ଜନ ହୋଇଛି। ଏହି ପର୍ବପରେ ବୁଧବାରଠାରୁ ଆଦିବାସୀ ସମ୍ପ୍ରଦାୟର ଦାମୋଦର ମେଳା ନଦୀ ନାଳ ସଙ୍ଗମସ୍ଥଳରେ ଅନୁଷ୍ଠିତ ହେବ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରିତ ହେବା ପାଇଁ ପ୍ରସ୍ତୁତି ସାରିଛନ୍ତି। କୁକୁଡ଼ା ଲଢ଼େଇ, ଜୁଆଖେଳ ଓ ଅବାଧ ମଦବିକ୍ରି ବନ୍ଦ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ ସଜାଗ ରହିଛି।



## ୬ ଦିନିଆ ମକର ପର୍ବ ଉଦ୍‌ଘାଟିତ



**ବାରିପଦା, ୧୫।୧(ସମିସ):** ମୟୂରଭଞ୍ଜର ଗଣପର୍ବ ମକର ପାଇଁ ସାରା ଜିଲ୍ଲା ଉତ୍ସବ ମୁଖରିତ। ଏହି ପର୍ବ ନେଇ ପୁରପଲ୍ଲୀରେ ପାଳନ କରାଯାଉଥିଲେ ହେଁ ବାରିପଦା ସହରର ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁରରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନ ଧରି ମକର ମିଳନ ପର୍ବ ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ସୋମବାର ପୂର୍ବାହ୍ନରେ ମକର ପର୍ବ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଗ୍ରାମ ଦେବତୀ ମା' ଲାଲପାଟ ସାଲପାଟଙ୍କ ନିକଟରେ ପୂଜାର୍ଚ୍ଚନା କରି କ୍ଲବର ସଦସ୍ୟ, ଗ୍ରାମବାସୀ ଓ ଅତିଥି ଡଃ ବି.ଆର ଆମ୍ବେଦକରଙ୍କ ମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ପ୍ରଥମ ଦିନର ଖେଳକୁଦ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, କାଉନସିଲର ନିରୁପମା ମହାନ୍ତି, ତଥା ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡାଙ୍କ ସମେତ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ, ସଦସ୍ୟା କଳ୍ପନା ମହାନ୍ତ, ମହେଶ୍ୱର ବେହେରା, ନବକିଶୋର ପାଲବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ କୁମାର ମହାପାତ୍ର (ଲିଟନ), ଶେଖ ଅଜିଜ, ଉମେଶ ମହାରଣା, କାହ୍ନୁ ଘଡେଇ, ରାଜେଶ ସାହୁ ଓ ସତ୍ୟନାରାୟଣ ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ। ସକାଳେ ଏକ ମଶାଲ ଯାତ୍ରା ସହର ପରିକ୍ରମା କରିଥିଲା। ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ ୭୦ ପ୍ରକାର ଖେଳକୁଦ ପ୍ରତିଯୋଗିତାରେ ଆବାଳ ବୃଦ୍ଧବନିତା ଅଂଶ ଗ୍ରହଣ କରିଛନ୍ତି। ଏଥିସହିତ ଆଜି ସନ୍ଧ୍ୟାରେ ଡବଲସ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହେବାକୁ ଯାଉଛି। ସେହିପରି ୧୭ ତାରିଖ ସକାଳେ ମାରାଥନ ଦୌଡ଼ ସହ ସନ୍ଧ୍ୟାରେ କବାଡି ଓ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଲିଟନ ମହାପାତ୍ର ଜଣାଇଛନ୍ତି। ଆସନ୍ତା ୧୮ ଓ ୧୯ ତାରିଖ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ସହ ଓଡିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ମଧ୍ୟ ପରିବେଷଣ ହେବ। ଆସନ୍ତା ୨୦ ତାରିଖରେ ଏହି ଉତ୍ସବ ଉଦଯାପିତ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ଜଣାଇଛନ୍ତି।

# ଏମ୍‌ପିସିରେ ବିସିଜେଡିର ୨୬ ଜଣିଆ କ୍ୟାମ୍ପସ୍ କମିଟି ଘୋଷିତ; ଅନ୍ୱେଷିତା ଆବାହିକା

**ବାରିପଦା, ୧୫।୧(ସମିସ)**



ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମକେସି) ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ୍ କମିଟି ଗଠିତ ହୋଇଛି। ଏ ନେଇ ବିସିଜେଡି ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୱେଷିତା ତ୍ରିପାଠୀଙ୍କ ଆବାହକତ୍ୱରେ ଗଠିତ ଏହି ୨୬ ଜଣିଆ କମିଟିରେ ରାହୁଲ ଘଡେଇ ଓ ପବିତ୍ର ଦାସ ସହ-ଆବାହକ, ଦିଲ୍ଲୀପ ସୋରେନ୍, ପ୍ରତ୍ୟୁଷ ମହାନ୍ତ, ପ୍ରିୟଙ୍କା ସାମନ୍ତରାୟ ଓ ଆକାଶ ରୋଜୋକ୍-କ୍ରୀଡ଼ା ପ୍ରତିନିଧି, ଜୟଦୀପ୍ ସାହୁ, ବିଶ୍ୱଭୂଷଣ ଗିରି, ସମ୍ବିତ୍ ସାହୁ ଓ ସଞ୍ଜୀବ ମହାନ୍ତ-ସାଂସ୍କୃତିକ ପ୍ରତିନିଧି, ଦିବ୍ୟଦର୍ଶିନୀ ବିଶ୍ୱାଳ, ପ୍ରତ୍ୟୁଷ କୁମାର ମହାନ୍ତ, ଇରାମ ରେହମନ୍ ଓ ଦେବାଶିଷ ସେଠୀ-ସାମାଜିକ କାର୍ଯ୍ୟକ୍ରମ ପ୍ରତିନିଧି, ପ୍ରିୟ ରାଜପୁତ, ଆରିଓମ୍ ମହାନ୍ତି, ମନିଷା ପଣ୍ଡା ଓ କରୁଣାକର ପାତ୍ର-ହେଲ୍ପ ଡେସ୍କ୍ ପ୍ରତିନିଧି, କ୍ରିଷ୍ଟା ସେଠୀ-ଛାତ୍ରାବାସ ଆବାହକ, କେପି ଜ୍ୟୋତିର୍ମୟୀ ଦାସ ଓ ଗୌରବ ମହାନ୍ତ-ଡେ ସ୍କଲାର୍ ସୋସାଇଟି ପ୍ରତିନିଧି ମନୋନୀତ ହୋଇଛନ୍ତି। ସେହିପରି ସତ୍ୟଅନନ୍ତ ଦାସ, ସଞ୍ଜୟ କୁମାର ପୁଥାଳ, ଇନ୍ଦ୍ରଜିତ୍ ନାୟକ ଓ ଅର୍ପିତା ଚକ୍ରବର୍ତ୍ତୀଙ୍କୁ ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୂପେ ଚୟନ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବା କାରଣରୁ ବିସିଜେଡି ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏଭଳି କମିଟି ଗଠନ କରାଯାଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟ ଗଠନ ଦିଗରେ ଏହି କମିଟି କାର୍ଯ୍ୟ କରିବା ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ଅନ୍ୱେଷିତା କହିଛନ୍ତି। ଏଥିସହ କମିଟିର ସମସ୍ତ କର୍ମକର୍ତ୍ତା ସେମାନଙ୍କୁ ମିଳିଥିବା ଦାୟିତ୍ୱ ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ବିସିଜେଡି ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ବିସିଜେଡି ଜିଲ୍ଲା ସଭାପତି ସୁନିଲ୍ କୁମାର ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ ମକରରେ ପ୍ରଦର୍ଶନ ହେଲାନି ଓଡ଼ିଆ ଚଳଚ୍ଚିତ୍ର

# ଫାଙ୍କା ପଡ଼ିଲା ସିନେମା ହଲ

**ବାରିପଦା, ୧୫।୧(ସମିସ):** ମକର ସଂକ୍ରାନ୍ତି ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ଭାବେ ପରିଚୟ ଲାଭ କରିଛି। ମକର ପାଇଁ ଜିଲ୍ଲାବ୍ୟାପୀ ସପ୍ତାହକ ଧରି ଉତ୍ସବର ମାହୋଲ ଦେଖିବାକୁ ମିଳିଥାଏ।



ବଜାରରେ କିଣାକିଣି ଜମିବା ସହ ସିନେମା ହଲଗୁଡିକରେ ଓଡ଼ିଆ ସିନେମା ପ୍ରଦର୍ଶନ ହେଉଥିବାରୁ ଲୋକଙ୍କ ଭିଡ ଜମିଥାଏ; କିନ୍ତୁ ଚଳିତ ବର୍ଷ ମକର ସଂକ୍ରାନ୍ତିରେ ବାରିପଦା ସହରରେ ଥିବା ସିନେମା ହଲଗୁଡ଼ିକ ଫାଙ୍କା ପଡ଼ିଛି। କାରଣ କୌଣସି ଓଡିଆ ସିନେମା ପ୍ରଦର୍ଶନ ହେଉ ନ ଥିବାରୁ ଖାଁ ଖାଁ ଲାଗୁଛି। ଦିନଥିଲା, ମକର ସଂକ୍ରାନ୍ତି ଛୁଟିରେ ପୁରପଲ୍ଲୀରୁ ଲୋକମାନେ ବାରିପଦାକୁ ସିନେମା ଦେଖିବାକୁ ଆସିଥାନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ହଲଗୁଡିକରେ ଓଡ଼ିଆ ସିନେମା ପ୍ରଦର୍ଶନ କରାଯାଇଥାଏ। ଯାହାକୁ ସପ୍ତାହକ ଧରି ପ୍ରବଳ ଭିଡ ଲାଗି ରହିଥାଏ। ଏପରିକି ୨/୩ଦିନ ପୂର୍ବରୁ ଅଗ୍ରୀମ ଟିକେଟ ବୁକିଂ ନ କଲେ ସିନେମା ଦେଖିବାର ସୁଯୋଗ ମିଳୁ ନ ଥିଲା। ପୂର୍ବରୁ ସହରରେ ଥିବା ୩ଟି ସିନେମା ହଲରେ ଅନେକ ଭିଡ଼ ପରିଲକ୍ଷିତ ହେଉଥିଲା। କିନ୍ତୁ କାଳକ୍ରମେ ୩ଟିରୁ ସହରରେ କେବଳ ଗୋଟିଏ ସିନେମା ହଲ (ରକ୍ସି) ରହିଛି। କଳା ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲ୍ଲାରେ ସିନେ କଳାକାର ଭରି ହୋଇରହିଛନ୍ତି। ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଅସିତ ପତିଙ୍କ ପୁରୁଖା କଳାକାରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ହିରୋ ବାବୁସାନ ମହାନ୍ତି, ସ୍ୱରାଜ ବାରିକ, ପପୁ ପମପମ, ସନମେରା ଆଦି ଅନେକ ସିନେ କଳାକାର ରହିଛନ୍ତି। ଯେଉଁମାନେ କି ଓଡ଼ିଆ ସିନେମାରେ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି; କିନ୍ତୁ ଓଡ଼ିଆ କଳାକାରଙ୍କ ନିଜସ୍ୱ ଜିଲ୍ଲାରେ ଓଡ଼ିଆ ସିନେମାର ଚାହିଦା କମିଛି; ଯାହାକୁ ସିନେମା ହଲ ମାଲିକମାନେ ବାରମ୍ବାର କ୍ଷତି ସହିବା ପରେ ଏବେ ହଲକୁ ବନ୍ଦ କରୁଛନ୍ତି। ପୂର୍ବର ସହରର ୩ଟି ହଲ ମଧ୍ୟରୁ କେଏମବିଏମ ହଲ ଏବେ ସପିଂ ମଲ ହୋଇଥିବା ବେଳେ ଜଗଦାତ୍ରୀ ହଲ ବନ୍ଦ ପଡ଼ିରହିଛି। ଏକମାତ୍ର ହଲ ଭାବେ ରକ୍ସି ସିନେମା ରହିଛି; ଯାହାକି କ୍ଷତିରେ ଚାଲିଛି। ମକର ସମୟରେ ସାଧାରଣତଃ ଓଡ଼ିଆ ସିନେମା ହଲରେ ପଡୁଥିବା ବେଳେ କ୍ଷତି ହେବା ଭୟରେ ଓଡ଼ିଆ ସିନେମା ପକାଉନାହାନ୍ତି। ଏବେ ମୋବାଇଲରେ ହାତପାଆନ୍ତାରେ ଅନଲାଇନ ସିନେମା ଦେଖିବାର ସୁଯୋଗ ମିଳୁଥିବାରୁ ଆଗ ଭଳି ଆଉ ଭିଡ଼ ହେଉନି ବୋଲି ସିନେମା ହଲ ମାଲିକମାନେ କହିଛନ୍ତି। ଓଡ଼ିଆ ଚଳଚ୍ଚିତ୍ରର ଚାହିଦା ମଧ୍ୟ କମିଛି। ଯାହାକୁ ନେଇ ପର୍ବପର୍ବାଣିରେ ମଧ୍ୟ ଓଡ଼ିଆ ସିନେମା ବହୁତ କମ ପରିମାଣରେ ଲୋକ ଦେଖୁଛନ୍ତି।




## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୫।୧(ସମିସ):** ତିରିଂ ଥାନା ଅଞ୍ଚଳ ପାଦଲା ଗାଁ ନିକଟ ଗଛରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ମହିଳା ହେଲେ ଝାରଖଣ୍ଡର ଛିତା ସୋରେନ (୩୨)। ମହିଳାଙ୍କ ବିବାହ ତିରିଂ ଥାନା ଅଞ୍ଚଳ ପାଦଲା ଗାଁରେ ହୋଇଥିଲା। ସେ କିଛି ଦିନ ପୂର୍ବରୁ ଶଶୁର ଘର ପାଦଲା ଗାଁକୁ ଆସିଥିଲେ। ଚଳିତ ମାସ ୮ ତାରିଖରେ ଛିତା ସମ୍ପର୍କୀୟ ଘରକୁ ଯାଉଛି କହି ଘରୁ ବାହାରି ଆଉ ଫେରି ନ ଥିଲେ। ରବିବାର ଅପରାହ୍ନ ସମୟରେ ମହିଳାଙ୍କ ଗଛରେ ଝୁଲନ୍ତା ମୃତଦେହକୁ ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ପୂଜାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

**ରାଇରଙ୍ଗପୁର, ୧୫।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ବହଳଦା ସ୍ଥିତ ମା' କୀଚକେଶ୍ୱରୀଙ୍କ ପୀଠରେ ସକାଳୁ ପୂଜା ପାଇଁ ଭକ୍ତମାନଙ୍କ ପ୍ରବଳ ଭିଡ ହୋଇଥିଲା। କିନ୍ତୁ ମଧ୍ୟାହ୍ନ ସମୟରେ ଭିଡ଼ ରହିଥିବା ସମୟରେ ପୂଜକମାନେ କୁଆଡେ ପଳାଇଥିଲେ। ଫଳରେ ଦୀର୍ଘ ସମୟ ଧରି ପୂଜା କାର୍ଯ୍ୟ ବନ୍ଦ ରହିଥିଲା। ଏ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଦୀର୍ଘ ସମୟ ଧରି ଧାଡିରେ ଛିଡା ହୋଇ ରହିଥିଲେ। ଏ ନେଇ କମିଟି ସଦସ୍ୟଙ୍କୁ ଜଣାଇବା ପରେ ପୂଜା ସ୍ୱାଭାବିକ ହୋଇଥିଲା।

## ଏମ୍‌ପିସି କଲେଜର ୭୫ବର୍ଷ ପୂର୍ତ୍ତି ଅବସରରେ ଜଣାଅଜଣା ତଥ୍ୟମୂଳକ ସୃଷ୍ଟି

# ଡ. ମୋହିତ ଷଡ଼ଙ୍ଗୀଙ୍କ ସଂକଳନ 'ସ୍ମୃତି ଲିପି' ଲୋକାର୍ପିତ




**ବାରିପଦା, ୧୫।୧(ସମିସ)**

ନିକଟରେ ଅନୁଷ୍ଠିତ ହୋଇଥିବା ଐତିହ୍ୟ ସମ୍ପନ୍ନ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ଲାଟିନମ ଜୁବୁଲିର ମାହୋଲ୍ ଏବେ ବି ଅବ୍ୟାହତ ରହିଛି। ଏହି ଅବସରରେ ସର୍ବପୁରାତନ ଶ୍ରୀରାମ ଚନ୍ଦ୍ର ପାଠାଗାରର ସମ୍ମିଳନୀ କକ୍ଷରେ ସାରସ୍ୱତ ସାଧକ ପଣ୍ଡିତ ଡ. ନୀଳକଣ୍ଠ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ କଲେଜର ପୁରାତନ ଛାତ୍ର, ଗବେଷକ ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ମୋହିତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଣୀତ କଲେଜ ସମ୍ପର୍କିତ କିଛି ଜଣାଅଜଣା ତଥ୍ୟ ସମ୍ବଳିତ ୫୪ ପୃଷ୍ଠାର ପୁସ୍ତକ 'ସ୍ମୃତି ଲିପି' ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୟୂରଭଞ୍ଜର ଗର୍ବ ଗୌରବ ପ୍ରଥମ ପ୍ରେସ ସାମ୍ବାଦିକ ଓ ଫଟୋଗ୍ରାଫର ଦିବଂଗତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ, ଜଗନ୍ନାଥ ସଂସ୍କୃତି ଗବେଷକ ଇଂ ରାଧାଶ୍ୟାମ ପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏମପିସି ପୁରାତନ ଛାତ୍ର ସଂସଦ ସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ଦାସ, ବିଶେଷ ଅତିଥିଭାବେ ରାଇରଙ୍ଗପୁରର ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ରବୀନ୍ଦ୍ର କୁମାର ପଟ୍ଟନାୟକ ଓ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ଅବନୀ କୁଣ୍ଡୁ ସୃଜନ ସମୀକ୍ଷକ ଭାବେ ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ସଂକଳକଙ୍କ ଅନବଦ୍ୟ ସୃଷ୍ଟି ସ୍ମୃତିଲିପି ଆଗାମୀ ପିଢ଼ି ପାଇଁ ଏହା ସ୍ମୃତି ଓ ପ୍ରେରଣାର ଉତ୍ସ ଏବଂ ଶିଳାଲେଖ ହୋଇ ରହିବ ବୋଲି ମତ ଦେଇଥିଲେ। ମୁଖ୍ୟଅତିଥି ମୟୂରଭଞ୍ଜର କଳା ସଂସ୍କୃତି ଐତିହ୍ୟକୁ ଉଜ୍ଜୀବିତ ରଖିବା ଓ ଆଗାମୀ ପିଢ଼ି ଏ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେବେ ବୋଲି ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରାଜ୍ ଶାସନ ସମୟରେ ପ୍ରତିଷ୍ଠିତ ପୁରାତନ ଏମପିସି କଲେଜର ଅକୁହା ତଥ୍ୟ ଓ ପୁରାତନ ଛାତ୍ର ଓ ପଚାଶ ଦଶକ ଓ ପରବର୍ତ୍ତୀ କାଳରେ ଅଧ୍ୟାପନା କରିଥିବା କତିପୟ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କ ସଫଳ କାହାଣୀକୁ ନେଇ ୫୪ ପୃଷ୍ଠା ମାଧ୍ୟମରେ ଲିପିବଦ୍ଧ ହେବା ଓ ୫ ଯୁକ୍ତ ୪ ମିଶି ନଅ ସଂଖ୍ୟାର ମହତ୍ୱ ଜଗନ୍ନାଥ ସଂସ୍କୃତି ଐତିହ୍ୟ ସହିତ ଜଡିତ ରହି ଥିବା ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ ଓ କଳା ସଂସ୍କୃତି ଐତିହ୍ୟ ପ୍ରେମୀ ସଂଗ୍ରାହକ ବିଭୁପ୍ରସାଦ ଦାସ ସ୍ମୃତିଲିପିରେ ବର୍ଣ୍ଣିତ ତଥ୍ୟଭିତ୍ତିକ କୃତୀର ସମ୍ଭାର ଅନୁପମ ଅବଦାନ ଭାବେ ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସାମ୍ବାଦିକ ସ୍ତମ୍ଭକାର ରବୀନ୍ଦ୍ର କୁମାର ପଟ୍ଟନାୟକ ଓ ସମୀକ୍ଷକ ଡ. ଅବନୀ କୁମାର କୁଣ୍ଡୁ ଏହି ସଂକଳନକୁ ଭୂୟସୀ ପ୍ରଶଂସା କରିଥିଲେ।

ପୁରାତନ ଛାତ୍ର ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଗ୍ରଣୀ କଳାକାର ଚିନ୍ମୟ ଦାସ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ବରିଷ୍ଠ ପୁରାତନ ଛାତ୍ର ଯତୀନ୍ଦ୍ର ମୋହନ ମିଶ୍ର, ମେଜର ଆର୍.ଏନ ପରିଡ଼ା, ଶିକ୍ଷାବିତ ଯତୀନ୍ଦ୍ର ଶତପଥୀ, ଗାଳ୍ପିକ ଧନେଶ୍ୱର ପଣ୍ଡା, ପ୍ରାଧ୍ୟାପକ ରବିନ ଶତପଥୀ, ଡ. ସୁଶାନ୍ତ ବସା, ଡ. ସୁଶାନ୍ତ ପାତ୍ର, ଶ୍ରୀନିବାସ ଭଞ୍ଜ, ଏମକେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ପୁର୍ଣ୍ଣେନ୍ଦୁ ଦାସ, ସମ୍ପାଦକ ରଞ୍ଜନ ବାନାର୍ଜୀ, ତିମିର ଘୋଷ, ଅନ୍ତର୍ଯ୍ୟାମୀ ସାହୁ, ମୟୂରଭଞ୍ଜ ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ବିଜୟ କୁମାର ଦାସ, ପୁରାତନ ଛାତ୍ର ନୃସିଂହ ବାରିକଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବି ଉପସ୍ଥିତ ଥିଲେ। ଜୁବୁଲି ଲାଇବ୍ରେରୀ ଅନୁଷ୍ଠାନର ସମ୍ପାଦକ ରତନ ମୟ ବେହେରା, ଲାଇବ୍ରେରିଆନ୍ କନିକା ଜେନା ଓ ସହାୟକ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ପ୍ରାଧ୍ୟାପିକା ଉଷା ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

7th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



Gopal Chandra Mohanty
Ex- Principal Secretary, Law Department, Govt. of Odisha.
Ex- Chairman, State Law Revision Committee.

Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya, Samyantaka, Anwesha
Staffs and Management of Xpose Advertising
Xpose ADVERTISING
BHUBANESWAR | RAIPUR | KOLKATA

# ସିଆଡ଼ିମାଳିଆ ପୀଠରେ ମକର ମହୋତ୍ସବ




**ଆନନ୍ଦପୁର ୧୫।୧(ସମିସ):** ଆନନ୍ଦପୁରର ଐତିହାସିକ ଗଡ଼ଖାଇ ସିଆଡ଼ିମାଳିଆ ମା' ଧନେଶ୍ୱରୀ ଦେବୀଙ୍କ ପୀଠରେ ମକର ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରତ୍ୟୁଷରୁ ମା' ଧନେଇ ଦେବୀଙ୍କ ପୀଠରେ ଶୁଭକଳସ ସ୍ଥାପନ ପରେ ଗୋପୂଜା ସୂର୍ଯ୍ୟପୂଜା ଓ ଷୋଡ଼ଶ ଉପଚାର ପୂଜା କରାଯାଇ ଯଜ୍ଞକର୍ମ ଆରମ୍ଭ ହୋଇଥିଲା। ନୂଆ ଧାନରୁ ପ୍ରସ୍ତୁତ ଚାଉଳ ଭୋଗ ଲାଗି ହେବା ପରେ ମକର ଚାଉଳ ବଣ୍ଟନ କରାଯାଇଥିଲା। ଦିନ ୧୦ ଘଟିକାରୁ ଆରମ୍ଭ ହୋଇଥିବା ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ସନ୍ତୋଷ କୁମାର ମୁଖୀଙ୍କ ବଂଶୀବାଦନ, ପଦ୍ମପୁରର ସୁରେନ୍ଦ୍ର ନାଥଙ୍କ କେନ୍ଦେରା ଭଜନ, ସୁଡୁସୁଡିଆ ମଣିବାବା ମଠ କଳାକାରଙ୍କ ଭଜନ ପରିବେଷଣ ପରେ ଶ୍ରୀ ନୃସିଂହ ନାରାୟଣ ରାସ ପାର୍ଟି ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ଶିଳ୍ପୀ ଶ୍ରେୟା ସ୍ୱରୂପା ସିଂ, ଶୁଭସ୍ରୀ ସେଠୀ, ଲକ୍ଷ୍ମିପ୍ରିୟା ସାହୁ, ସୁଦୀପା ସିଂ, ସ୍ୱୟଂସ୍ନିଗ୍ଧା ବେହେରା, ଓଡିଶୀ, ଝୁମର ଓ ସମ୍ବଲପୁର ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ତରତରାର ନୃତ୍ୟଗୁରୁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ କଣ୍ଢେଇ ନାଚ ବେଶ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାଷ୍ଟର ପ୍ରଭାତ କୁମାର ଜେନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଫୁକୁଲ ଦାସ, ମିଟୁ ରାମ, ଟୁକୁଲୁ ଦାସ, ଅଭିନ୍ନ ବେହେରା, ପର୍ଶୁରାମ ଜେନା, ସଞ୍ଜୟ ଦାସ, କ୍ଷୀରୋଦ ସିଂ, ରାଜକିଶୋର ପରିଡା, ବିଜୟ ବାରିକ, ଟି. କୁମାର, କାହ୍ନା ପାଢୀ, ଟୁକୁ ଜେନା, ସାନ ରଣା, କାଳିଆ ସାହୁ, ରଞ୍ଜନ ସାହୁ, ପ୍ରମୁଖ ପରିଚାଳନା କରିଥିଲେ। ତିନି ଦିନ ଧରି ହେବାକୁ ଥିବା ଏହି ମକର ମେଳା ପଡିଆରେ ମୀନାବଜାର, କୁନି କୁନି ପିଲାଙ୍କ ପାଇଁ ଦୋଳି, ଜମ୍ପି ଦୋଳି, ମିକି ମାଉସ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଯାତ୍ରୀ ମାନଙ୍କ ଭିଡ ଲାଗିରହିଛି।

## କେଶରୀ କୁଣ୍ଡରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ଚମ୍ପୁଆ :** ଚମ୍ପୁଆ ବ୍ଲକ କେଶରୀକୁଣ୍ଡରେ ଆଜି ୪୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ମକର ବୁଡ଼ ଦେଇଛନ୍ତି। ମକର ଏ ଅଞ୍ଚଳର ଗଣପର୍ବ। ମନ୍ଦିର କମିଟି ତରଫରୁ ମନ୍ଦିରକୁ ସୁସଜ୍ଜିତ କରିଥିବା ବେଳେ ଶ୍ରଦ୍ଧାଳୁଙ୍କ ଯାତାୟାତ କରିବା ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ପୁଲିସ୍ ପ୍ରଶାସନ ତରଫରୁ ସ୍ନାନ ଘାଟ, ଦୋକାନ ବଜାର ସୁବ୍ୟବସ୍ଥା, ଯାନବାହାନ ରହଣୀର ବ୍ୟବସ୍ଥା ଆଦି କରାଯାଇଥିଲା।



## ଉତ୍ସବ ମୁଖର ଦେଓଗାଁ କୁଶଳେଶ୍ୱର ପୀଠ



**ଘସିପୁରା:** ମକର ସଂକ୍ରାନ୍ତିରେ ଚଳଚଞ୍ଚଳ କେନ୍ଦୁଝର ଜିଲ୍ଲାର ପୁରାତନ କୁଶଳେଶ୍ୱର ମହାଦେବ ପୀଠସ୍ଥଳି। ଘସିପୁରା ବ୍ଲକ ଦେଓଗାଁ ଠାରେ ଅବସ୍ଥିତ ଏହି ଶୈବପୀଠରେ ମକର ସଂକ୍ରାନ୍ତି ଅବସରରେ ଲାଗିଛି ଭକ୍ତଙ୍କ ପ୍ରବଳ ଗହଳି। ଆଜି ସୋମବାର ସହିତ ପବିତ୍ର ମକର ସଂକ୍ରାନ୍ତି ପଡିଥିବାରୁ ବଡି ଭୋର ସମୟରୁ କୁଶଳେଶ୍ୱର ମହାଦେବଙ୍କ ରୀତିନୀତି ସମ୍ପର୍ଣ୍ଣ ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହୋଇଛି। ଲୋକେ ଲମ୍ବା ଧାଡିରେ ଆସି ଦର୍ଶନ କରିବା ସହ ନିଜ ମଙ୍ଗଳ କାମନା କରି ପ୍ରଭୁଙ୍କ ଶରଣାପନ୍ନ ହେଉଛନ୍ତି। ଆଜି ଭଳି ପବିତ୍ର ଦିନରେ କୁଶଳେଶ୍ୱର ମହାଦେବଙ୍କୁ ସୁଗନ୍ଧିତ ଫୁଲ ସହିତ ପାନପତ୍ରରେ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି। ସବୁଠାରୁ ବଡ଼ କଥା ହେଉଛି ଆଜି ଠାରୁ ମନ୍ଦିର ବ୍ରାହ୍ମଣ ସମାଜ ପକ୍ଷରୁ ଆରମ୍ଭ ହୋଇଛି ଅନ୍ନପ୍ରସାଦ ସେବା। ମାତ୍ର ୭୦ ଟଙ୍କାରେ ଭକ୍ତ କୁଶଳେଶ୍ୱର ମହାଦେବଙ୍କ ଅନ୍ନଭୋଗ ପାଇବାର ସୌଭାଗ୍ୟ ପାଇଥିଲେ। ଭକ୍ତଙ୍କ ସମାଗମକୁ ଦେଖି ପ୍ରଶାସନ ପକ୍ଷରୁ ମନ୍ଦିର ଭିତରେ ଏବଂ ବାହାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। କୁଶଳେଶ୍ୱର ବ୍ରାହ୍ମଣ ସମାଜ ପକ୍ଷରୁ ଧର୍ମାନନ୍ଦ ପତି, କାଳନ୍ଦି ଚରଣ ଦାସ, ମାୟାଧର ପଣ୍ଡା, ବସନ୍ତ ପଣ୍ଡା, ନିତିଶ କୁମାର ପତି, ରମେଶକୁମାର ପତି, କେଶବକୃଷ୍ଣ ଆଚାର୍ଯ୍ୟ, ବଳରାମ ପାଣିଗ୍ରାହୀ, ହଳଧର ଆଚାର୍ଯ୍ୟ, ଆନନ୍ଦ ପାଣିଗ୍ରାହୀ, ପ୍ରଦିପ ପଣ୍ଡା, ଗିରିଧାରୀ ଦାସ, ଚିତ୍ତରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ବିପୁଳ ଦେଶୀ ବିଦେଶୀ ମଦ ଜବତ

**ତୁରୁମୁଙ୍ଗା,୧୫।୧(ସମିସ):** କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶରେ ଚାଲିଥିବା ସ୍ପେଶାଲ ଡ୍ରାଇଭରେ ତୁରୁମୁଙ୍ଗା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୦ଟି ବେଆଇନ ମଦ ବିକ୍ରି ମାମଲା ରୁଜୁ କରିବା ସହ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରି ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ବେଆଇନ ମଦ ବିକ୍ରି କରୁଥିବା ବ୍ୟକ୍ତି ହେଲେ ତୁରୁମୁଙ୍ଗା ଥାନା ବାଉଁଶୁଳି ଗ୍ରାମର ବିନଦର ମୁଣ୍ଡା, ଗୋଡ଼ିପୋଖରୀ ଗ୍ରାମର ବଟକୃଷ୍ଣ ମୁଣ୍ଡା,ଚାକୁଣ୍ଡାପାଳ ଗ୍ରାମର ସାବିତ୍ରୀ ମୁଣ୍ଡା, ଝାରବେଡା ଗ୍ରାମର ଯୁବତୀ ନାଏକ, ଧରୁଆପଡା ଗ୍ରାମର ଗୁଲୁ ମୁଣ୍ଡା, ଦାଶରଥୀପୁର ଗ୍ରାମର ବାବୁରାମ ମାଝୀ,ରୁପାଲି ମାଝୀ, ଚରଣ ମାଝୀ, ବଡ଼ ଗମ୍ଭାରିଆ ଗ୍ରାମର ଚନ୍ଦ୍ରମଣୀ ପାତ୍ର ଏବଂ କଇଣ୍ଡା ଗ୍ରାମର ଅରୁଣ ସାହୁ। ଏମାନଙ୍କଠାରୁ ବିପୁଳ ପରିମାଣର ଦେଶୀ ମଦ, ମହୁଲ ପୋଚ ଓ ବିଦେଶୀ ମଦ ଜବତ କରାଯାଇ ୪୧ ସିଆରପିସିରେ ଛଡା ଯାଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୁଚନା ଦେଇଛନ୍ତି।

## ଟାଉନ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ



**କେନ୍ଦୁଝର,୧୫।୧ (ସମିସ):** କେନ୍ଦୁଝର ଟାଉନ ଥାନାରେ ନୂତନ ଅଧିକାରୀ ଭାବେ ଇନିସ୍ପେକ୍ଟର ରମାକାନ୍ତ ସାଏ ସୋମବାର ଦାୟୀତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବର ଜିଲ୍ଲାର ସଦର ଥାନା ପରେ ବାରିଆ ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ। ଯୋଗଦାନ ଅବସରରେ ଆଇନ ଶୃଙ୍ଖଳା ପରିସ୍ଥିତି, ସହରର ଟ୍ରାଫିକ ସମାସ୍ୟା, ପାଟ୍ରୋଲିଂ ବ୍ୟବସ୍ଥା, ଓାରେଣ୍ଟିଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଗୁରୁତ୍ୱାରୋପ କରିଥିଲେ। ସୂଚନା ଯୋଗ୍ୟ ଯେ କିଛିଦିନ ତଳେ କେନ୍ଦୁଝର ଟାଉନ ଥାନାରେ ଥିବା ଇନିସ୍ପେକ୍ଟର ସୁନିଲ କୁମାର କରଙ୍କୁ ଘଷିପୁରା ଥାନାକୁ ବଦଳି ହୋଇଥିବା ବେଳେ ଶ୍ରୀ ସାଏଙ୍କର କେନ୍ଦୁଝର ଟାଉନ ଥାନାକୁ ବଦଳି ହୋଇଥିଲା।

## ଘସିପୁରା ଥାନାରେ ନୂଆ ଅଧିକାରୀ



**ଆନନ୍ଦପୁର ୧୫।୧(ସମିସ):** ଘସିପୁରା ଥାନାରେ ସୁନିଲ କୁମାର କର ନୂଆ ଅଧିକାରୀ ଭାବେ ଆଜି ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ସୁଶାନ୍ତ କୁମାର ପରିଡାଙ୍କର ଜିଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ କେନ୍ଦୁଝର ଟାଉନ ଥାନାରେ ଥିବା ଶ୍ରୀ କରଙ୍କୁ ଘସିପୁରା ଥାନାରେ ନିଯୁକ୍ତି ଦିଆଯାଇଛି। ଶ୍ରୀ କର ଯୋଗ ଦେଇ ଆଜି ସନ୍ଧ୍ୟାରେ ଦାୟିତ୍ୱ ଗ୍ରହଣ କରିବା ପରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି।

# ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ପାଳନ



**କେନ୍ଦୁଝର,୧୫।୧ (ସମିସ):** କେନ୍ଦୁଝରଗଡ ମାଇନିଂ ରୋଡଠାରେ ଥିବା କେନ୍ଦ୍ରୀୟ ପାଣିପାଗ ବିଭାଗ (ଆଇଏମଡି)ର ସ୍ଥାନୀୟ କାର୍ଯ୍ୟାଳୟରେ ଆଇଏମ୍‌ଡି ସ୍ଥାପନାର ୧୫୦ତମ ବର୍ଷ ପୂର୍ତ୍ତିପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ସମ୍ବନ୍ଧୀୟ ଆୟୋଜିତ କାର୍ଯ୍ୟକ୍ରମରେ ଆୟୋସିଏଲର ଅବସରପ୍ରାପ୍ତ ଚିଫ୍ ଆଡମିନଷ୍ଟ୍ରେଟିଭ ଅଫିସର ବିନୋଦ ବିହାରୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତିକ ବିପର୍ଯ୍ୟୟ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ଆଇଏମଡିର ଗୁରୁତ୍ୱପୂର୍ଣ୍ଣ ଭୁମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଭରସା ପରିବାରର ଲମ୍ବୋଦର ମହାନ୍ତ ଯୋଗଦେଇ ପାଣିପାଗ ବିଭାଗର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଣିପାଗ ବିଭାଗ କେନ୍ଦୁଝର କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ଅମିତ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଦେଶର ବିଭିନ୍ନ ସ୍ଥାନରେ ଥିବା ଆଇଏମଡିର କାର୍ଯ୍ୟାବଳି ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦୁଝର କାର୍ଯ୍ୟାଳୟର ପାଣିପାଗ ବିଜ୍ଞାନି ଅଭିଷେକ ରାଜ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମରେ ରଖାଯାଇଥିବା ପାଣିପାଗ ସମ୍ପର୍କିତ ଆଧୁନିକ ଯନ୍ତ୍ରପାତି ଗୁଡିକର କାର୍ଯ୍ୟକାରିତା ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ପାଣିପାଗ କାର୍ଯ୍ୟାଳୟର କର୍ମଚାରୀ ଲମ୍ବୋଦର ସେଠୀ କେନ୍ଦୁଝର କେନ୍ଦ୍ରୀୟ ପାଣିପାଗ କାର୍ଯ୍ୟଳୟ ସଂପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୯୮୦ରେ ବାନ୍ଧୋଗୋଡ଼ା, ୧୯୮୧ରେ କପୁଣ୍ଡି ଏବଂ ୧୯୮୨ରେ ଚମ୍ପୁଆ ଅଞ୍ଚଳରେ ଘୂର୍ଣ୍ଣିଝଡ଼ ପରେ କେନ୍ଦୁଝର ଠାରେ ୧୯୮୭ ମସିହାରୁ କେନ୍ଦ୍ରୀୟ ପାଣିପାଗ କାର୍ଯ୍ୟାଳୟ ସ୍ଥାପନା ହୋଇଛି। ବର୍ତ୍ତମାନ ଜିଲ୍ଲାର ଆନନ୍ଦପୁର, ଦୈତାରୀ, ଘଟଗାଁ, ହରିଚନ୍ଦପୁର, ଝୁମ୍ପୁରା, ସ୍ୱାମପାଟଣା ଏବଂ ତେଲକୋଇକୁ ମିଶାଇ ୭ଟି ପାଣିପାଗ ଷ୍ଟେସନ ରହିଛି।

## ମହିଳାଙ୍କ ପରଲୋକ



**ଆନନ୍ଦପୁର ୧୫।୧(ସମିସ):** ଆନନ୍ଦପୁର ପାଟକୁଳ ସାହିର କୀର୍ତ୍ତନ ମିଶ୍ରଙ୍କ ଧର୍ମପତ୍ନୀ ମାଳତୀ ମିଶ୍ର (୯୪)ଙ୍କ ପରଲୋକ ହୋଇଯାଇଛି। ସେ ସବୁଦିନ ପରି ଆଜି ନିତ୍ୟକର୍ମ ସାରିବା ପରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ମାରାଂ ବୁରୁ ପୂଜା ଓ ତୀରନ୍ଦାଜ୍ ପ୍ରତିଯୋଗିତା



**ରାଇରଙ୍ଗପୁର,୧୫ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାରଣାଠାରେ ମକର ସଂକ୍ରାନ୍ତି ଉପଲକ୍ଷେ ଗ୍ରାମରେ ମାରାଂ ବୁରୁ ପୂଜା ଅନୁଷ୍ଠିତ ହୋଇଯାଇଛି। ତାରଣା ଗ୍ରାମର ନାଇକେ ବାବା ପୂଜା ଅର୍ପଣ କରି ମକର ପର୍ବ ସହିତ ଗ୍ରାମର ମଙ୍ଗଳ ପାଇଁ ମାରାଂ ବୁରୁ ଠାକୁର ପାଖରେ ପୂଜାର୍ଚ୍ଚନା କରିଥିଲେ। ଏଥିସହିତ ଗ୍ରାମର ସମସ୍ତ ଯୁବକ ତୀରନ୍ଦାଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଦୀପୁ ଟୁଡୁ, ଦ୍ୱିତୀୟ ସ୍ଥାନ ଶଙ୍କର ପ୍ରସାଦ ଟୁଡୁ ହାସଲ କରିଥିଲେ। ପରେ ଗ୍ରାମର ସମସ୍ତ ଯୁବକଯୁବତୀ ସାନ୍ତାଳୀ ନୃତ୍ୟ ସହିତ ବିଜେତାମାନଙ୍କୁ ନାଇକେ ବାବାଙ୍କ ସହିତ ଗ୍ରାମ ଭିତରକୁ ପ୍ରବେଶ କରିଥିଲେ। ଗ୍ରାମର ମୁଖିଆ ଆନ୍ତନ ଟୁଡୁ ଓ ଭାଦ ମାର୍ଣ୍ଡି ପ୍ରମୁଖ ତୀରନ୍ଦାଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ରାଜାବାବୁ ମେମୋରିଆଲ କ୍ରୀଡ଼ା ପ୍ରତିଯୋଗିତା



**କରଞ୍ଜିଆ,୧୫।୧(ସମିସ):** ଗଡସାହି ଜେଏମବି କ୍ଲବ ଆନୁକୂଲ୍ୟରେ ରାଜବାବୁ ମେମୋରିଆଲ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କ୍ରିକେଟ, ଫୁଟବଲ, ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଏବଂ ଶିଶୁମାନଙ୍କ ମଧ୍ୟରେ ଜିଲାବି ଦୌଡ଼, ହାଣ୍ଡି ଫୁଟା, ମ୍ୟୁଜିକ ଚେୟାର, ସ୍ଲୋ ସାଇକଲ ରେସ, ବାଲାନ୍ସ ରେସ, ପୁଚିଖେଳ, ଅଙ୍କକାଷ ଆଦି ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କ୍ରିକେଟ ବରିଷ୍ଠ ବିଭାଗରେ ଫାଇନାଲ ଗୋରସା ବନାମ ପଟାକାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟାକାଟ ବିଜୟୀ ବିଜୟ ହୋଇ ଚାମ୍ପିଅନ ହୋଇଥିଲା। ସେହିପରି ଫୁଟବଲ ଫାଇନାଲରେ ଗଡ଼ସାହି ବନାମ ସରଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳ ଶେଷସୁଦ୍ଧା ଉଭୟ ସମାନ ସ୍ଥିତିରେ ଥିଲେ; ହେଲେ ପରେ ପେନାଲ୍ଟି କିକରେ ଗଡ଼ସାହି ଚାମ୍ପିଅନ ହୋଇଥିଲା। କନିଷ୍ଠ ବର୍ଗ କ୍ରିକେଟରେ ଟିଙ୍ଗା ୧୧ ବନାମ ବ୍ଲାକ ଏରର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲାକ ଏରର ଜିତି ଚାମ୍ପିୟନ ହୋଇଥିଲା। ଶେଷରେ କ୍ଲବ ସଭାପତି ଜିପୁ ଦାସଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାଏକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଜୟ କୁମାର ଦାସ, ଅଯୋଧ୍ୟା କୁମାର ନାୟକ ପ୍ରମୁଖ ଯୋଗଦେଇ ଉଦୀୟମାନ ଯୁବକ ସ୍ୱର୍ଗତ ରାଜବାବୁଙ୍କ ସ୍ମୃତିଚାରଣ କରିବା ସହିତ ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ।

## ବାବା ଗୌରୀନାଥ ମନ୍ଦିରରେ ଟୁସୁ ଓ ଝୁମର ପ୍ରତିଯୋଗିତା

**ମହୁଲଡିହା,୧୫।୧ (ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ପଞ୍ଚାୟତ ସାଳନ୍ଦୀ ନଦୀ କୂଳ ଗୌଡ଼ିଆବାହାଳି ଗ୍ରାମରେ ବାବା ଗୌରୀନାଥ ମନ୍ଦିର ପରିସରରେ ଚତୁର୍ଥ ବାର୍ଷିକ ଟୁସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତିରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସାଳନ୍ଦୀ ନଦୀରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବୁଡପକାଇ ବାବା ଗୌରୀନାଥଙ୍କୁ ଦର୍ଶନ କରିଥିଲେ। ଏହି ଦିନ ଘରେ ଘରେ ମକର ଚାଉଳ ଭୋଗଲାଗି ପିଠାପଣାର ଆସର ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉ କି ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମହାନ୍ତ ସମ୍ପ୍ରଦାୟର କୁଡୁମୀମାନେ ଟୁସୁଦେବୀଙ୍କ ପ୍ରତିମା (ମୂର୍ତ୍ତି) ଧରି ପାରମ୍ପରିକ ଟୁସୁ ଗୀତ ଗାଇ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଭିନ୍ନ ବ୍ଲକରୁ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଆଜିର ପ୍ରତିଯୋଗିତାରେ ମୋଟ ୧୩ଟି ଗ୍ରାମରୁ ଟୁସୁ ମୂର୍ତ୍ତି ପ୍ରତିଯୋଗିତାକୁ ଆସିଥିବା କମିଟି ସୂତ୍ରରୁ ପ୍ରକାଶ। ଟୁସୁ ପ୍ରତିଯୋଗିତା ସହ କୁଡୁମାଲି ଝୁମର ମେଲୋଡିରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ଦଧିରାମ ମହାନ୍ତଙ୍କ ସହ ପୂଜକ ପ୍ରହଲ୍ଲାଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକର୍ତ୍ତା ବୁଧୁରାମ ମହାନ୍ତ, ନରସିଂହ ମହାନ୍ତ, ସୁରେନ୍ଦ୍ର ବାବା, ସ୍ୱାଧୀନ ମହାନ୍ତ ପ୍ରମୁଖ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ସରପଞ୍ଚ ଚମ୍ପାବତୀ ଟୁଡୁଙ୍କ ସହ ବ୍ଲକର ସ୍ୱେଚ୍ଛାସେବୀ ପ୍ରତିଯୋଗିତାରେ ଦର୍ଶକମାନେ ଉପସ୍ଥିତ ଥିଲେ।

● ମକର ସଂକ୍ରାନ୍ତିରେ ପାହାଡ ପୂଜାର ପରମ୍ପରା

# ମା' ଟାଙ୍ଗରାଶୁଣୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**କପ୍ତିପଦା,୧୫।୧(ସମିସ)**

ମୟୂରଭଞ୍ଜର ଜିଲ୍ଲାର ଗଣପର୍ବ ହେଉଛି ମକର। ଏହି ପର୍ବ ୩ ଦିନ ଧରି ଚାଲିଥାଏ। ପାହାଡ ଉପରେ ଥିବା ଦେବାଦେବୀଙ୍କ ପୂଜା ନିଆରା। ଏହି ଅବସରରେ କପ୍ତିପଦା ବ୍ଲକ ଟାଙ୍ଗରାଶୁଣୀ, ଟାଙ୍ଗିରିଆ ଓ ସମୀବୃକ୍ଷ ପାହାଡରେ ଥିବା ଦେବାଦେବୀଙ୍କୁ ପୂଜା କରାଯାଇଥାଏ। ପ୍ରଥମ ଦିନ ସଂକ୍ରାନ୍ତିରେ ବଡଖଲାଡି ପଞ୍ଚାୟତର ଟାଙ୍ଗରାଶୁଣୀ ପୀଠରେ ହଜାର, ହଜାର ଶ୍ରଦ୍ଧାଳୁ ପାହାଡ ଚଢି ମା'ଙ୍କ ପୂଜା କରିଛନ୍ତି। ବହୁ ପୁରାତନ କାଳରୁ ଏଠାରେ ପ୍ରତ୍ୟକ୍ଷ ଦେବୀ ମା' ଟାଙ୍ଗରାଶୁଣୀଙ୍କ ପୂଜା ଏବଂ ମକର ପର୍ବ ପାଳନ ହୋଇଆସୁଛି। ସଂକ୍ରାନ୍ତି ଦିନ ମା'ଙ୍କ ସ୍ନାନ ପରେ ସକାଳୁ ଉପଚାରରେ ପୂଜା ଆରମ୍ଭ ହୋଇଥାଏ। ଦିନ ୩ଟାରୁ ଭକ୍ତଙ୍କ ଗହଳି ଲାଗେ। ଭକ୍ତମାନେ



ନିଜ ନିଜର ମାନସିକ ପୂଜା କରିବା ସହିତ ପାହାଡ ଚଢାର ମଜା ନେଇଥାନ୍ତି। ଏ ପର୍ଯ୍ୟନ୍ତ ଏଠାରେ ବଳିପ୍ରଥା ପ୍ରଚଳିତ ଥିବାବେଳେ ଭକ୍ତମାନେ ଶ୍ରଦ୍ଧାରେ ମା'ଙ୍କ ନିକଟରେ ବଳି ପ୍ରଦାନ କରିଥାନ୍ତି। ଏଠାରେ ଦେହୁରୀମାନେ ପୂଜାପାଠ କରିଥାନ୍ତି। ପ୍ରବାଦ ଅଛି ଯେ, ଯେଉଁମାନେ ଅପୁତ୍ରିକ ହୋଇଥାନ୍ତି ସେମାନେ ମାନସିକ ରଖି ପୂଜାପାଠ କଲେ ସନ୍ତାନ ପ୍ରାପ୍ତିର ସୁଯୋଗ ପାଇଥାନ୍ତି। ବ୍ରତ ପୂରଣ ପରେ ଛେନାପଣା ଓ ବୋଦାବଳି ଦେଇଥାନ୍ତି ମାନସିକଧାରୀ। ତେବେ ଏଠାରେ ଗୋଟିଏ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଥାଏ। ପାହାଡ ଉପରେ ଥିବା ଏକ ଛୋଟକୁଣ୍ଡରେ ଥିବା ପାଣି କେବେ ବି ଶୁଖେନାହିଁ ବୋଲି ବରିଷ୍ଠ ଲୋକେ ପ୍ରକାଶ କରିଛନ୍ତି। ଚଳିତବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନିକଟସ୍ଥ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ଶ୍ରଦ୍ଧାଳୁଙ୍କ ସହଯୋଗ କରିଥାନ୍ତି। ମଙ୍ଗଳବାର ଏକ ମକରମିଳନ ଓ ସାହିତ୍ୟ ସଭାର ଆୟୋଜନ ହେବ। ଗତ ୧୪ ଓ ୧୫ ତାରିଖରେ ମେଳା ଓ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମକର ଉତ୍ସବ ୭ ଦିନ ଧରି ଲୋକେ ପାଳନ କରିଥାନ୍ତି। ଫଳରେ ଗାଁଠୁ ସହରଯାଏ ଚଳଚଞ୍ଚଳ ହୋଇଉଠେ।

# ମକର ପାଇଁ ପଲ୍ଲୀରୁ ସହର ଉତ୍ସବମୁଖର

**ଖୁଣ୍ଟି,୧୫।୧(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ହେଉଛି ମକର। ଜାତି, ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧ ବନିତା ଏହି ପର୍ବକୁ ଖୁବ ଯାକଜମକରେ ପାଳନ କରିଥାନ୍ତି। ମକର ସଂକ୍ରାନ୍ତି ଦିନ କାଳି ଅନ୍ଧାରରୁ ଶଯ୍ୟା ତ୍ୟାଗ କରି ସେମାନେ ଦଳ ଦଳ ହୋଇ ନିକଟସ୍ଥ ନଈ ଏବଂ ପୋଖରୀକୁ ସ୍ନାନ କରିବାକୁ ଯାଆନ୍ତି। ଘରେ ଘରେ ମକର ଚାଉଳ ପ୍ରସ୍ତୁତ କରି ଇଷ୍ଟଦେବତାଙ୍କୁ ନୈବେଦ୍ୟ ଅର୍ପଣ କରିବା ସହିତ ସୁସ୍ୱାଦୁ ପିଠାପଣା ପ୍ରସ୍ତୁତ କରିଥାନ୍ତି। ମାଛ, ମାଂସ, ପିଠା ପଣା ସାଙ୍ଗକୁ ନୃତ୍ୟଗୀତ ଓ ବାଦ୍ୟରେ କମ୍ପିଉଠେ ପୁରପଲ୍ଲୀ। ମକର ପର୍ବର ଅନ୍ୟତମ ଆକର୍ଷଣ ହେଉଛି କୁଡୁମୀ ସମ୍ପ୍ରଦାୟର ଟୁସୁ ପୂଜା। ଏହି ଜାତିର ଅବିବାହିତା ଝିଅମାନେ ଟୁସୁ କଣ୍ଢେଇକୁ ରଙ୍ଗୀନ ବସ୍ତ୍ରରେ ସଜାଇ, ଦଳ ଦଳ ହୋଇ ଗୀତ ଗାଇବା ଓ ଘର ଘର ବୁଲିବାରେ ସେମାନେ ଅପାର ଆନନ୍ଦ ଲାଭ କରିଥାନ୍ତି। ଟୁସୁ ବିମାନ ଯାତ୍ରାର ଦୃଶ୍ୟ, ଟୁସୁ ଭସାଣି ଉତ୍ସବ, ଟୁସୁ ମେଳା, ଟୁସୁ ପ୍ରତିଯୋଗିତା ମକର ପର୍ବକୁ ଆହୁରି ରସାଳ, ସ୍ୱପ୍ନିଳ ଓ ମାଦକଭରା କରି ଗଢି ତୋଳେ। ପ୍ରତିବର୍ଷ ମକର ଅବସରରେ



ବାରିପଦାର ତ୍ରିବେଣୀଘାଟ ବା ବାରୁଣୀଘାଟ ଏବଂ ବୈତରଣୀ ନଦୀର ଭୀମକୁଣ୍ଡଠାରେ ସାନ୍ତାଳ ଜନଜାତିର ପ୍ରସିଦ୍ଧ ଗଙ୍ଗାଯାତ୍ରା ବା ଦାମୋଦର ଯାତ୍ରା ମହାସମାହାରରେ ଅନୁଷ୍ଠିତ ହୋଇଥାଏ। ଏହି ଦୁଇ ନଦୀରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହିତ ଅସ୍ଥି ବିସର୍ଜନ କଲେ ସେମାନଙ୍କ ଆତ୍ମାର ସଦଗତି ହୋଇଥାଏ ବୋଲି ସାନ୍ତାଳ ସାମ୍ପ୍ରଦାୟର ବିଶ୍ୱାସ ରହିଛି। ମକର ପର୍ବ ଉପଲକ୍ଷେ ବିଭିନ୍ନ ସ୍ଥାନରେ ମକର ମେଳା ଆୟୋଜନ ହୋଇଥାଏ। କପ୍ତିପଦା ସବ-ଡ଼ିଭିଜନର ଶମିବୃକ୍ଷ, ବାମନଘାଟି ସବ-ଡିଭିଜନର ରାଣୀବନ୍ଧ, ପଞ୍ଚାପୀଢ ସବ-ଡିଭିଜନ ଅନ୍ତର୍ଗତ କେଶରୀକୁଣ୍ଡ, ଯଶିପୁରର ରାମତୀର୍ଥ ଓ ଖୁଣ୍ଟି ନିକଟ ଦୋମୁହାଣୀ ଆଦି ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଥାଏ।

## ବୈତରଣୀରେ ଶହଶହ ଲୋକ ବୁଡ ପକାଇଲେ



**ମହୁଲଡିହା,୧୫।୧ (ସମିସ):** ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଠାକୁରମୁଣ୍ଡା ବ୍ଲକର ବୋଙ୍ଗି ଗ୍ରାମ ପାଶ୍ୱର୍ରେ ଥିବା ବୈତରଣୀ ନଦୀର ଭୀମକୁଣ୍ଡରେ ଶହ ଶହ ଭକ୍ତ ବୁଡ଼ ପକାଇଛନ୍ତି। କରଞ୍ଜିଆ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଭୀମକୁଣ୍ଡକୁ ଗୁପ୍ତ ଗଙ୍ଗା କୁହାଯାଉଥିବା ବେଳେ ଭକ୍ତମାନେ ମକର ସଂକ୍ରାନ୍ତି ଦିନ ବୈତରଣୀରେ ସକାଳୁ ବୁଡ଼ ପକାଇ କୁଣ୍ଡେଶ୍ୱର ମହାଦେବ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି। ବଡକୁଣ୍ଡ ଓ ସାନ କୁଣ୍ଡରେ ଭକ୍ତଙ୍କୁ ବୁଡ଼ ପକାଇବାକୁ ପ୍ରସାଶନ ବାରଣ କରିଥିଲେ। ବୈତରଣୀର ଉପରମୁଣ୍ଡରେ ଭକ୍ତମାନେ ବୁଡ ପକାଇଥିଲେ। ବୋଙ୍ଗି ଗ୍ରାମର କୁଣ୍ଡେଶ୍ୱର ବନ ସୁରକ୍ଷା ସମିତି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲା।

## ଜଳିଲା ମକର ପଲ୍ଲା; ନାଚିଲେ ଆଦିବାସୀ

**ଉଦଳା,୧୫।୧(ସମିସ):** ମୟୂରଭଞ୍ଜର ଗଣପର୍ବ ମକର ଝଲକ ଆଜି ଭୋରୁ ଆରମ୍ଭ ହୋଇଛି। ବଡିଭୋରୁ ବିଶେଷକରି ଆଦିବାସୀ ମହିଳା ପୁରୁଷମାନେ ବିଭିନ୍ନ ଜଳାଶୟ ନିକଟରେ ଏକତ୍ରିତ ହୋଇ ରୀତିନୀତି ଅନୁସାରେ ପୂର୍ବରୁ ତିଆରି ହୋଇଥିବା ମକର ପଲ୍ଲାକୁ ପୂଜା କରିବା ପରେ ଅଗ୍ନି ସଂଯୋଗ କରିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ମକରର ପାରମ୍ପରିକ ନାଚଗୀତ। ହାତରେ ହାତ ଛନ୍ଦି, ପାଦରେ ପାଦ ମିଶାଇ ନାଚଗୀତରେ ମସଗୁଲ ହୋଇପଡିଛି ସାରା ଅଞ୍ଚଳ। ନୂଆ ଲୁଗା ପିନ୍ଧି ମୁଢି, ଚୂଡ଼ା ଗୁଡ଼ ତିଳଉ ଖାଇ ଗାଁ ଗାଁ ବୁଲିବା ପରମ୍ପରା ବେଶ ସ୍ୱତନ୍ତ୍ର। ସହରରେ ମଧ୍ୟ ମକରର ପାରମ୍ପରିକତା ଦେଖିବାକୁ ମିଳୁଛି ଏବଂ ସବୁଠି ଉତ୍ସବର ମାହୋଲ। ଏପରିକି ଓଡ଼ିଆ ସମୁଦାୟ ମଧ୍ୟ ଆଦିବାସୀ ପାରମ୍ପରିକ ପୋଷାକ ପିନ୍ଧି ମକର ପାଳନର ଶୁଭେଚ୍ଛା ବେଶ ନିଆରାଭାବ ସୃଷ୍ଟି କରିଛି। ଏହି ଅବସରରେ ସବୁଠି ମାଂସ ମୁଢ଼ିର ଆସର ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ କୁକୁଡ଼ା ଲଢେଇ ମଧ୍ୟ ବେଶ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ସାନ୍ତାଳ ସମ୍ପ୍ରଦାୟର ଲୋକେ ଧୁମସା ମାଦଳ ତାଳେ ତାଳେ ଝୁମିଥିଲେ।



## ଦାନ୍ତିଆମୁହାଁରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଚିତ୍ରଡା,୧୫।୧(ସମିସ):** ଦାନ୍ତିଆମୁହାଁ ପଡିଆରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ମକର ସମୟରେ ଦାନ୍ତିଆମୁହାଁ ଏବଂ ଆଖପାଖ ଅଞ୍ଚଳର ଖେଳାଳିଙ୍କୁ ନେଇ କ୍ରିକେଟ ଖେଳିଥାନ୍ତି। ଚଳିତ ବର୍ଷ ମୁନା ମିଶ୍ରଙ୍କ ନେତୃତରେ ଅଲଟ୍ରାଟେକ ସୁପର ଏବଂ ଅର୍ଜୁନ ପାତ୍ରଙ୍କ ନେତୃତ୍ୱରେ ଅର୍ଜୁନ ଇଲେଭେନ ନାମରେ ୩ଟି ଟିମ୍ ଗଠନ କରାଯାଇଛି। ରାମ ଦାସଙ୍କ ଅଲଟ୍ରାଟେକ ସୁପର ଟିମ ଅର୍ଜୁନ ଇଲେଭେନକୁ ହରାଇ ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟଅତିଥିରୂପେ ମୋରଡା ବ୍ଲକ ଉପାଧ୍ୟକ୍ଷ ଯେମାମଣି ମହାନ୍ତ, ସମ୍ମାନିତ ଅତିଥି ଭାବେ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଅଶେଷ ଦାସ ଯୋଗ ଦେଇଥିଲେ। ତପନ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ।

## ଦୁଇ ୱାରେଣ୍ଟି ଗିରଫ

**କୁଆମରା,୧୫।୧(ସମିସ):** ଖୁଣ୍ଟା ଥାନା ବଣିଆବସା ଗ୍ରାମର ସଲାଇ ହୋ ଏବଂ ଡୁକୁରା ଫାଣ୍ଡି ଅଞ୍ଚଳର ଅନନ୍ତ ଭକ୍ତାଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଦୁଇଜଣ ଦୀର୍ଘ ବର୍ଷ ଧରି ଅପରାଧ ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲେ। କୋର୍ଟ ୱାରେଣ୍ଟ ବଳରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

## ଅମରଦା ମକର ମହୋତ୍ସବ ଉଦ୍ୟାପିତ



**ରାସଗୋବିନ୍ଦପୁର,୧୫।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତବର୍ତ୍ତୀ ରାସଗୋବିନ୍ଦପୁର ବ୍ଲକର ଅମରଦା ଯୁବକ ସଂଘ ଆନୁକୂଲ୍ୟରେ ମକର ମହୋତ୍ସବ-୨୦୨୪ ଉଦ୍ୟାପିତ ହୋଇଯାଇଛି। ଏହି ଅବସରରେ ଦଶମ ଏକ ଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ମୁସ୍କାନ ଟିମ୍ ବିଜୟୀ ହୋଇଥିବାବେଳେ ୩୩ତମ ଆଭାସ ଚନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁକ୍ତେଶ୍ୱର ସ୍ପୋର୍ଟିଂ (ମୁଖୁରା) ଚମ୍ପିଆନ ହୋଇଥିଲା। ସେହିପରି ଛୋଟ ପିଲାଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଅଙ୍କକଷା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ମଧ୍ୟରେ ବାଲାନ୍ସ ରେସ୍, ଶଙ୍ଖ ଧ୍ୱନି, ଅନ୍ଧପୁଟୁଳି ଆଦି ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଡ. କମଳେନ୍ଦୁ ଲାଲ ମହାନ୍ତ, ଅମରଦା ସରପଞ୍ଚ ଦୁଲାରୀ ହାଁସଦା, ସମାଜସେବୀ ମଦନମୋହନ ଜେନା, ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା ମାନବ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସଂଘ ସଭାପତି ସଂଜୀବ ଦାସ, ସଂପାଦକ ଅସିତ ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# ଶେଷ ହେଲା ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା



**ଘସିପୁରା,୧୫ ।୧(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଗଁପୁର ପଞ୍ଚାୟତରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଶେଷ ହୋଇଛି। ଆଜି ସକାଳୁ ଗଁପୁର ପଞ୍ଚାୟତ କାଟେଣୀ-କନ୍ତୋଲ ତାରିଣୀ ପୀଠରୁ ପୂଜାର୍ଚ୍ଚନା କରାଯିବା ପରେ ଅର୍ପଣ ରଥ ଅଙ୍ଗାରୁଆ, ଗଁପୁର, କୋଳିପାଳ, ନୂହାମାଳିଆ, ବରାଙ୍ଗ, ବେଗୁନିଆଁଡିହି, ପୁଲୁରିଗଡିଆ ପରିକ୍ରମା କରିବା ପରେ କରଡାପାଳ ଶିବ ମନ୍ଦିର ଠାରେ ଅର୍ପଣ ଯାତ୍ରା ସମାପନ ହୋଇଛି। ସ୍ଥାନିୟ ସରପଞ୍ଚ ରୀନା ଯେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ରଶ୍ମିରଞ୍ଜନ ମହାରଣା, ଜିଆର୍‌ଏସ୍ ଦିବ୍ୟଲୋଚନ ପଣ୍ଡା ଏବଂ ପୂର୍ବତନ ସରପଞ୍ଚ ଶରତ ଜେନା, ସମିତିସଭ୍ୟ ଗୋବିନ୍ଦ ମାଝୀ, ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ।

**ହାଟଡିହି:** ହାଟଡିହି ବ୍ଲକର ବଞ୍ଚୋ, ଶାସଙ୍ଗ, ଓରାଳି, ମରୈଗାଁ ଆଦି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ବଞ୍ଚୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ରାଉତ(ଅମର)ଙ୍କ ନେତୃତ୍ୱରେ ବିଧାୟକ ଭାଗୀରଥି ସେଠୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ଛବିନ୍ଦ୍ର ନାୟକ, ପ୍ରଭାକର ଖଣ୍ଡା, ପିଇଓ ଜିତେନ୍ଦ୍ର ଜେନା, ଜିଆରଏସ ଶୁଭାସିନୀ ରାୟସର୍ଦ୍ଦାର, ରଥକୁ ଗ୍ରାମ ପରିକ୍ରମା କରାଯାଇଥିଲା। ଗାଁର ମହିଳାମାନେ ଗୁଆ, ଅରୁଆ ଚାଉଳ, ନଡିଆ ଓ ଟଙ୍କା ଆଦି ଦାନ କରିଥିଲେ। ସେହିପରି ଶାସଙ୍ଗ ପଞ୍ଚାୟତର ସରପଞ୍ଚ ମଧୁମିତା ସ୍ୱାଇଁ, ପିଇଓ ଶରତ ବେଜ, ଜିଆରଏସ ମଧୁଛନ୍ଦା ସ୍ୱାଇଁ, ରବିନ୍ଦ୍ର ସାହୁ ରଥକୁ ଗାଁ କୁ ଗାଁ ପରିକ୍ରମା କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ସେହିପରି ଓରାଳି ପଞ୍ଚାୟତର ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ପିଇଓ ଶରତ ଚନ୍ଦ୍ର ସାହୁ ସ୍ୱାଗତ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ୧୧ନଂ ଓାର୍ଡ ଅଞ୍ଚଳରେ ଅର୍ପଣ ରଥ ଆଜି ପରିକ୍ରମା କରିଛି। ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଜୟଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପରିକ୍ରମା ରଥକୁ ଉଦଘାଟନ କରିଥିଲେ। ଯୁବନେତା ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପୌରାଧ୍ୟକ୍ଷା ରଜନୀ ରାଣୀ ଖଟୁଆ, କାଉନସିଲର ନିବେଦିତା ବେହେରା, ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ରଥ ୧୧ନଂ ଓାର୍ଡର ବିଭିନ୍ନ ସାହିବସ୍ତିରେ ପରିଭ୍ରମଣ କରିଥିଲା। ଏହି ରଥର ପରିକ୍ରମାରେ ଫକୀରପୁର ସଂକୀର୍ତ୍ତନ ଦଳର ଗୌର ଭକ୍ତମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ଯୁବ ଗୋଷ୍ଠୀ ପକ୍ଷରୁ ରାଜେନ୍ଦ୍ର ବେହେରା, ସୁଶାନ୍ତ ପତି, ସୁରେନ୍ଦ୍ର କୁମାର ମିଶ୍ର, ଦେବବ୍ରତ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



### ଅର୍ପଣ ରଥକୁ ଅସମ୍ମାନ, ଜିପି ଇନଚାର୍ଜଙ୍କୁ ଆକ୍ରମଣ

**ଛେନାପଦି:** ହାଟଡିହି ବ୍ଲକ ରଘୁନାଥପୁର ଗ୍ରାମରେ ଅର୍ପଣ ରଥକୁ ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ରଥ ପରିକ୍ରମା ସାରି ତାମ୍ପଲା ବାଟଦେଇ ଫେରୁଥିବା ବେଳେ, ତାମ୍ପଲା ଗ୍ରାକୁ ଚିରିଦେବା ସହ ଭଙ୍ଗାରୁଜା କରିଥିଲା। ଏହା ସହିତ ସେଥିରେ ଥିବା ଜିପି ଇନଚାର୍ଜ ଜିଆରଏସ୍ ବଳରାମ ମଲ୍ଲିକଙ୍କୁ ଲୁହା ହାତୁଡ଼ି ଏବଂ ଏକ ଲୁହା ରଡ଼ରେ ଆକ୍ରମଣ କରିବାକୁ ଉଦ୍ୟତ ହୋଇ ଗୋଡ଼ାଇଥିଲା। ଘଟଣା ସ୍ଥଳରେ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, କଳିଗାଁ ସରପଞ୍ଚ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ଉପସ୍ଥିତ ଥିବାରୁ ସେମାନେ ବଳରାମଙ୍କୁ କୌଶଳକ୍ରମେ ସେଠାରୁ ସୁରକ୍ଷା ଦେଇ ଅନ୍ୟତ୍ର ସ୍ଥାନକୁ ପଠାଇ ଦେଇଥିଲେ। ଏହି ଘଟଣାରେ ଜିପି ଇନଚାର୍ଜ ବଳରାମ ଆଜି ନନ୍ଦପଦା ଥାନାରେ ଏତଲା କରିଥିବା ଜଣାଯାଇଛି।

## ବାଲିଆଡ଼ିପାରେ ୫୩ତମ ଟୁସୁ ମେଳା

**ରାଇରଙ୍ଗପୁର/ଉପରବେଡା,୧୫ ।୧(ସମିସ):** କୁସୁମୀ ବ୍ଲକ ଉପରବେଡା ପଞ୍ଚାୟତ ବାଲିଆଡ଼ିପା ଗାଁର ଗାନ୍ଧୀ ସାଗର ପଡିଆରେ ଛତ୍ରପତି ଯୁବକ ସଙ୍ଘ ପକ୍ଷରୁ ୫୩ତମ ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ଅଞ୍ଚଳରୁ ଛୋଟବଡ଼ ଟୁସୁ ପ୍ରତିମୂର୍ତ୍ତି ସମାଗମ ହୋଇଥିଲା। ଫଳରେ ସାଗର ପଡ଼ିଆ ଟୁସୁ ଗୀତ ଏବଂ ମାଦଳ ଧମସା ତାଳରେ କମ୍ପି ଉଠିଥିଲା। ଏହା ବ୍ୟତୀତ କମିଟି ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଆୟୋଜନ କରାଯିବ। କମିଟି ପକ୍ଷରୁ ଟୁସୁ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଟୁସୁକୁ ୨୫ ହଜାର ୧ ଟଙ୍କା, ଦ୍ୱିତୀୟକୁ ୨୨ ହଜାର ୧ ଟଙ୍କା ଓ ତୃତୀୟ ଟୁସୁକୁ ୧୮ ହଜାର ୧ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ ଟୁସୁ ଦଳଗୁଡିକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦୁଇ ଦିନ ଧରି କୁକୁଡ଼ା ଲଢେଇର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପତି ଯୁବକ ସଂଘର ସଭାପତି ପ୍ରେମାନନ୍ଦ ସୋଏ, ଉପସଭାପତି ଆଶିଷ କୁମାର ମହାନ୍ତ, ସମ୍ପାଦକ ଡ଼ାକ୍ତର ମାଝୀ, ସହସମ୍ପାଦକ ସନ୍ତୋଷ କୁମାର ମହାନ୍ତ, କୋଷାଧ୍ୟକ୍ଷ ତରଣୀସେନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ଭୀମକୁଣ୍ଡରେ ମକର ମେଳା

# ବୁଡ଼ ପକାଇଲେ ୫୦ ହଜାର ଶ୍ରଦ୍ଧାଳୁ

ପାଟଣା, ୧୫।୧(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସୀମାନ୍ତରେ ଅବସ୍ଥିତ ପ୍ରସିଦ୍ଧ ଭୀମକୁଣ୍ଡରେ ଆଜି ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ବୁନ ପକାଇଛନ୍ତି।

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ। ପାହାଡ଼ର ବୁକୁଚିରି ପର୍ବତମାଳା ମଧ୍ୟ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀ ନଦୀ ଏହି ଠାରେ ସୃଷ୍ଟି କରିଛି ସୁଉଚ୍ଚ ଜଳପ୍ରପାତ। ବୈତରଣୀ ଖରସ୍ରୋତା ଜଳାଧାର ବହୁ ଉଚ୍ଚରୁ ପ୍ରସ୍ତର ଚଟାଣ ଉପରେ ପଡ଼ି ଭୀମ ରୂପରେ ଘୋ-ଘୋ ହୋଇ ଗର୍ଜନ ହେବା କାରଣରୁ ସମ୍ଭବତଃ ଏହି ସ୍ଥାନଟି ଭୀମକୁଣ୍ଡ ନାମରେ ନାମିତ ହୋଇଥିବା ଜଶ୍ରୁତି ରହିଛି। ଏଠାରେ ନଦୀ ଏଭଳି ଉଗ୍ର ରୂପ ଧାରଣ କରିଛି ତାହା ଅତି ଭୟଙ୍କର ମନେ ହୁଏ। କୁଣ୍ଡ ମଧ୍ୟରେ ଏହି ଜଳ ରାଶି ପାତଳଗାମୀ ହୋଇ ଦୀର୍ଘ ୧୫ କିଲୋମିଟର ଦୂରତାରେ ପୁଣି ଦୃଶ୍ୟମାନ ହେବା ଏକ ବିରଳ ପୌରାଣିକ ଘଟଣା। କୁହାଯାଏ ମହାଭାରତ ସମୟରେ ପଞ୍ଚୁପାଣ୍ଡବ ଏଠାରେ ପରିବେଷ୍ଟିତ ଜଙ୍ଗଲରେ ରହିଥିଲେ। ବୈତରଣୀ ପାପନାଶିନୀ ହୋଇଥିବାରୁ ଏହି କୁଣ୍ଡରେ ସ୍ନାନ କରି ପବିତ୍ରତା ଲାଭ ଉଦ୍ଦେଶ୍ୟରେ ମକର ବୁଡ଼ ପକାଇବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ପବିତ୍ର ମକର ସଂକ୍ରାନ୍ତିରେ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ୩ ଦିନଧରି ମହୋତ୍ସବ ପାଳନ କରାଯାଏ। ପ୍ରାକୃତିକ ଶୋଭା ସଂପଦ ଭରା ଏହି ଦର୍ଶନୀୟକୁ ଉପଭୋଗ କରିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ତେବେ ବିଗତ ଦିନରେ ଉଭୟ ବଡ଼ କୁଣ୍ଡ ଏବଂ ସାନ କୁଣ୍ଡରେ ବୁଡ଼ ପକାଇ ଅନେକ ନିଖୋଜ ହୋଇଯାଇଥିବାର ନଜିର ରହିଥିବା ବେଳେ ଏଥର ପ୍ରଶାସନ ପକ୍ଷରୁ ଉଭୟ କୁଣ୍ଡରେ ବୁଡ ପକାଇବାକୁ ବାରଣ କରାଯାଇଥିଲା। ଅନ୍ୟପକ୍ଷେ କୌଣସି ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଗଡ଼ଚଣ୍ଡୀ, ଭାଟିଆଶୁଣୀ ଓ ସିଦ୍ଧ ଗୁମ୍ଫାରେ ମକର ମେଳା



**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ମକର ଉତ୍ସବ ପାଳିତ ହେଉଥିବା ବେଳେ ମା' ଗଡଚଣ୍ଡୀ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କମିଟି ସଭାପତି ଅଲେଖ ମଲ୍ଲିକ, ଅଲେଖ ଦାସ, ଅଲେଖ ପାତ୍ର, ମଧୁସୂଦନ ମଲ୍ଲିକ, ନାରାୟଣ ଜେନା, ମଧୁସୂଦନ ସାମଲ, ନିତ୍ୟାନନ୍ଦ ରାଉତ, ଶଙ୍କର୍ଷଣ ଜେନା, ସରପଞ୍ଚ ଘନଶ୍ୟାମ ମଲ୍ଲିକ, ଜଗନ୍ନାଥ ସାହୁ, ମଦନମୋହନ ରାଉତ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ। ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଜେପି ନେତା ଆଲୋକ ସେଠୀ, ହରମୋହନ ଶାସିନୀ, ପ୍ରେମାନନ୍ଦ ମିଶ୍ର, ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭାଟିଆଶୁଣୀ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ କଲେ ଏଠାରେ ପୂରଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ସେ ଦୃଷ୍ଟିରୁ ବହୁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ମାନସିକ ବ୍ରତ ରଖିଥାନ୍ତି। ସେହିପରି ପଢିଆରିପଲ୍ଲୀ ସିଦ୍ଧ ମଠରେ ମକର ମେଳା ଅନୁଷ୍ଠିତ ହୋଇଛି। ରାମ, ଲକ୍ଷଣ ଓ ସୀତାଙ୍କ ପ୍ରତିମୂର୍ତ୍ତୀ କରାଯାଇ ପୂଜାପାଠ କରାଯିବା ସହିତ ରାମାୟଣ ପାରାୟଣ ପାଠ କରାଯାଇଥାଏ। ଏହା ତିନିଦିନ ଧରି ଅନୁଷ୍ଠିତ ହେବ। ଏଠାରେ ଗୋବର୍ଦ୍ଧନ ପର୍ବତରେ ସିଦ୍ଧ ଗୁମ୍ଫା ରହିଛି। ଏଥିରେ ଶହ ଶହ ଗୁମ୍ଫା ଥିବାରୁ ଲୋକମାନେ ଆକୃଷ୍ଟ ହୋଇ ଆସିଥାନ୍ତି। ବଡ଼ ବଡ଼ ପଥର ଖଣ୍ଡ ଖଞ୍ଜା ହୋଇ ରହିଥିବାରୁ ପ୍ରକୃତିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। କିମ୍ବଦନ୍ତୀରୁ ଜଣାଯାଏ ସେଠାରେ ଥିବା କଂସାର କବାଟ ପଥର ପାଲଟିଯାଇଛି। ଏବେବି ସେହି ପଥରକୁ ପିଟିଲେ କଂସାର ଶବ୍ଦ ଶୁଣାଯାଏ ବୋଲି କୁହାଯାଏ। ବହୁ ସିଦ୍ଧ ବାବା ସେଠାରେ ରହି ନିଜର ସାଧନା ସିଦ୍ଧ କରିବାକୁ ବର୍ଷବର୍ଷ ଧରି ରହିଥାନ୍ତି। ପ୍ରକୃତିର ସୌନ୍ଦର୍ଯ୍ୟରେ ଭରପୁର ସିଦ୍ଧ ଗୁମ୍ଫା ଏବେ ମକର ମେଳା ପାଇଁ ଚଳଞ୍ଚଳ ହୋଇପଡିଥିବାବେଳେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୃନ୍ଦାବନ ରାଉତ, ପୂର୍ଣ୍ଣ ପାତ୍ର, ମାର୍କଣ୍ଡ ସାହୁ, ପ୍ରମୋଦ ରାଉତ, ସରପଞ୍ଚ ଅଜିତ ରାଉତ, ଜଗନ୍ନାଥ ପାତ୍ର, ନିରାକାର ପାତ୍ର, ଭିକାରୀ ପାତ୍ର, ନବଘନ ଜେନା, ଗୋପାଳ ରାଉତ ପ୍ରମୁଖ କମିଟିର ବହୁ ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ପରିଚାଳନା ଓ ସହଯୋଗ କରିଛନ୍ତି।

## ଗଡ଼ଚଣ୍ଡୀ ପୀଠରେ ଲାଗିଲା ଷ୍ଟ୍ରିଟ୍‌ଲାଇଟ୍



**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକ ଜମ୍ବିରା ପଞ୍ଚାୟତ ପକ୍ଷରୁ ମା' ଗଡଚଣ୍ଡୀ ପୀଠ ଓ ଗେଟ୍ ସମ୍ମୁଖରେ ୨ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସରପଞ୍ଚ ଘନଶ୍ୟାମ ମଲ୍ଲିକ ଓ ମା' ଗଡଚଣ୍ଡୀ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଏହି ଲାଇଟ୍ ଲଗାଯାଇ ଆଲୋକିକରଣ କରାଯାଇଥିବାରୁ ମକର ମେଳା ସମୟରେ ବହୁ ସୁବିଧା ହେବ ବୋଲି କୁହାଯାଇଛି।

## ସମାଜସେବୀଙ୍କ ପରଲୋକ



**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ବାଇଧର ସାମଲ(୮୦)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବାକୁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ବଡପୁଅ ସୁରେନ୍ଦ୍ର, ଗୌରାଙ୍ଗ ଓ ରବିନ୍ଦ୍ର, ତିନି ଝିଅ, ଜ୍ୱାଇଁ ଓ ବହୁ ପରିବାର ସଦସ୍ୟ ଉପସ୍ଥିତ ରହି ତାଙ୍କର ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଥିଲା।

## ଓଡ଼ିଆ ଭାଷା ସମ୍ମିଳନୀ

**ହାଟଡିହି, ୧୫।୧(ସମିସ):** ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟରେ ବିଶ୍ୱ ଓରିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ଯୋଜନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅଧ୍ୟାପକ ଚକ୍ରଧର ଦାସ, ଅଧ୍ୟାପିକା ଶଶିକଳା ଦାସ ଓ ସ୍ୱାଗତିକା ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଆରତୀ ଦାସ, ପ୍ରାଧ୍ୟାପକ ହିମାଂଶୁ ଶେଖର ମିଶ୍ର, ଅଧ୍ୟାପକ ଦତୋତ୍ରୟ ସାମଲ, ପଲ୍ଲିଶ୍ରୀ ପାଇକରାୟ, ଶୁଭସ୍ମିତା ପଳତା, ସ୍ୱର୍ଣ୍ଣଲତା ପଣ୍ଡା, ଦିପ୍ତିମୟୀ ଜେନା, ସୁମିତ୍ରା ବେହେରା, ସୁହାସିନୀ ପଟ୍ଟନାୟକ ଏବଂ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ମା' ମଙ୍ଗଳ ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତ ବାଲିବରେଇ ଗ୍ରାମର ମା' ମଙ୍ଗଳ ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହୋଇ ୨୩ ତାରିଖରେ ପୂର୍ଣ୍ଣାହୁତି ହେବ। ୨୧ରେ ଅଧିବାସ ଓ କଳସ ଶୋଭାଯାତ୍ରା, ୨୨ରେ ମା'ଙ୍କର ମହାନ୍ୟାସ ପ୍ରାଣ ପ୍ରତିଷ୍ଠା, ମଣ୍ଡପ ଅଗ୍ନିପୂଜନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୩ରେ ଚଣ୍ଡୀ ହୋମ, ପୂର୍ଣ୍ଣାହୁତି ଅନ୍ନ ଯଜ୍ଞ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମା' ବଉଳାଶୁଣି ପୀଠରେ ମକର ମେଳା



**ବେଲବାହାଲି,୧୫।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲିରେ ମା' ବଉଳାଶୁଣୀ ପୀଠରେ ୪୧ତମ ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଶହଶହ ସଂଖ୍ୟକ ଶ୍ରଦ୍ଧାଳୁ ମା' ବଉଳାଶୁଣିଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପ୍ରତିଷ୍ଠାତା ବିଦ୍ୟା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆଜି ସକାଳୁ କୁସେଇ ନଦୀରୁ ରୀତିନୀତି ଅନୁସାରେ କଳସ ଅଣାଯାଇ ମନ୍ଦିରର ପୂଜକ ମହେଶ୍ୱର ପାଢ଼ୀ, କାଠି ପଣ୍ଡା, ବିନୋଦ ବିହାରୀ ପଣ୍ଡା, ବିପିନି ବିହାରୀ ମାଝୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ସହିତ ଯଜ୍ଞର ଆୟୋଜନ କରାଯାଇଥିଲା। ଏହି ମେଳା ୪ ଦିନ ଧରି ଚାଲୁଥିବା ବେଳେ ପ୍ରତ୍ୟେକ ଦିନ ଏଠାକୁ ଆସୁଥିବା ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ହରିହାଟ ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାତାଙ୍କ ପରିବାର ବର୍ଗ କଳ୍ପନା ମଣ୍ଡଳ, ମହେଶ୍ୱର ମଣ୍ଡଳ, ସ୍ୱୟଂପ୍ରଭା ମଣ୍ଡଳ, ଖଗେଶ୍ୱର ମଣ୍ଡଳ, ବେବିନା ମଣ୍ଡଳ ଏବଂ ମା' ବଉଳାଶୁଣି କମିଟିର ସମ୍ପାଦକ ଅନାଦି ଚରଣ ସାହୁ, ସନାତନ ସାହୁ, ଜୟରାମ ସାହୁ, ଆନନ୍ଦ ଚରଣ ସାହୁ, ପଞ୍ଚାନନ ସାହୁ, କବିତ୍ର ସାହୁ, ନୀଳ ସାହୁ, ଯୋଗେନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଶାଳଣିଆଠାରୁ ଚଷାଖଣ୍ଡ ଓ ବଳିପୁର ରାସ୍ତା ଅସୁରକ୍ଷିତ



**ହାଟଡିହି, ୧୫।୧(ସମିସ):** ରାଜ୍ୟରେ କେନ୍ଦୁଝର ଜିଲା ଧନଶାଳି ଜିଲା ଭାବେ ପରିଚିତ ହୋଇଥିବାବେଳେ ଖଣିଜ ପାଣ୍ଠି ଯୋଜନାରେ କୋଟି କୋଟି ଟଙ୍କା ଗଚ୍ଛିତ ରହିଛି। କିନ୍ତୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ସର୍ବନିମ୍ନ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦେଉନଥିବାରୁ ବିଭିନ୍ନ ସ୍ଥାନରେ ଗମନାଗମନର ସୁବିଧା ନଥିବାବେଳେ ଆଉ କେଉଁଠି ଉନ୍ନତମାନର ରାସ୍ତା ନଥିବାରୁ ଯାତାୟତାରେ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣା ମାନ ଘଟୁଛି। ରାସ୍ତାର ଖାଲ ଓ ଧୁଳିଧୂଆଁରେ ସାଧାରଣ ଲୋକ ଅତିଷ୍ଠ ହୋଇ ପଡୁଛନ୍ତି। ଯାହା ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିବା ଶାଳଣିଆ ଠାରୁ ବଳିପୁର ଭାୟା ଚଷାଖଣ୍ଡ। ଏହି ରାସ୍ତାଟି ୫୦ଖଣ୍ଡ ଗାଁର ଲୋକଙ୍କର ଗୁରୁତ୍ୱ ବହନ କରୁଥିବା ବେଳେ ରାସ୍ତାଟି ଅନ୍ୟ ଜିଲାକୁ ସଂଯୋଗ ହୋଇଛି। ରାସ୍ତାଟି ଉପରେ ଦୈନିକ ହଜାର ହଜାର ଲୋକ ଯାତାୟତା ପାଇଁ ନିର୍ଭର କରିବା ସହିତ ବଣିଜ ବ୍ୟପାର ପାଇଁ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ରାସ୍ତାଟି ବଡ ବଡ ଖାଲ ସୃଷ୍ଟି ହେବା ସହିତ ପଦଚାରୀ ଓ ଦୁଇ ଚକିଆ ଯାତାୟାତାରେ ବିପଦ ସୃଷ୍ଟି କରୁଛି। ୬ଚକିଆ କିମ୍ବା ୧୦ ଚକିଆ ଗାଡି ଆସିଲେ ରାସ୍ତା ପାଶ୍ୱର୍ରେ ସାଇଡ୍ ହୋଇ ଛିଡା ହେବା ବିପଦ ଜନକ ହୋଇପଡୁଛି। ଜିଲାପାଳ ଏ ଦିଗରେ ସମୀକ୍ଷା କରି ଉକ୍ତ ରାସ୍ତାକୁ ଉନ୍ନତମାନର ମରାମତି ଓ ନିର୍ମାଣ କରାଯାଇ ବର୍ତ୍ତମାନ ପରିସ୍ଥିତିରେ ଯାତାୟତାରେ ସୁବିଧା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଝୁମ୍ପୁରା ପୁଲିସ ପକ୍ଷରୁ ଚଢ଼ଉ

# ୧୪୦ ଲିଟର ମହୁଲି ମଦ ଜବତ; ୫ ଗିରଫ

**ବାଲିବନ୍ଧ,୧୫।୧ (ସମିସ):** ଝୁମ୍ପୁରା ପୁଲିସ୍ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରିବା ସହିତ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରହିଛି। ଥାନା ଅଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁରୁଣା ଅଭିଯୁକ୍ତ ତଥା ମଦ ବେପାରୀମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଉଛି। ତେବେ ଝୁମ୍ପୁରା ଥାନା ଅଞ୍ଚଳ କାଶିପାଳ, ନହବେଡା, ରାମଚନ୍ଦ୍ରପୁର, ଅଶୁକି, ସେରେଙ୍ଗ ସାହି, ଶ୍ରୀରାମପୁର, କୁଲଡିହି, ଶୁଣ୍ଠିମୁରୁସୁଆଁ, ବାଲିବନ୍ଧ, ରଜାବସା, ମୁରୁସୁଆଁ, ଫକିରପୁର, ନିଶ୍ଚିନ୍ତପୁର, ସାନହୁଣ୍ଡୁଳା ଏବଂ ଝୁମ୍ପୁରା ବଜାର ତଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଦିନରେ ୧୪ ଜଣ ମଦ ବେପାରୀଙ୍କ ଠାରୁ ୧୪୦ଲିଟର ମହୁଲି ମଦ ଜବତ କରିବା ସହିତ ୫ଜଣ ପୁରୁଣା ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ବାଇକ୍ ଚାଳକଙ୍କ ହେଲମେଣ୍ଟ, ବେନିୟମ ଗାଡି ପାର୍କିଂ, ଭାରୀଯାନ ଚଳାଚଳ, ମଦ୍ୟପାନ କରି ଗାଡ଼ି ଚାଳନା, ଚାରିଚକିଆ ଯାନ, ସିଟ୍‌ବେଲଟ୍ ଯାଞ୍ଚ କରି ଅମାନିଆମାନଙ୍କ ଠାରୁ ୧୪ତାରିଖ ସୁଦ୍ଧା ମୋଟ ୧ ଲକ୍ଷ ୯୪ ହଜାର ୧ଶହ ଟଙ୍କା ଜରିମାନ ଆଦାୟ କରାଯାଇଥିବା ଥାନା ଅଧିକାରିଣୀ ସମବାରୀ ହାଁସଦା ସୂଚନା ଦେଇଛନ୍ତି।

## କାମରେ ଆସୁନି ବସୁଧା ଯୋଜନା ଶୀତଦିନରେ ବି ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

**ତୁରୁମୁଙ୍ଗା, ୧୫।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗାଁରେ ଖରାଦିନ ଆରମ୍ଭ ନହେଉଣୁ ଉକ୍ରଟ ହେଲାଣି ପାନୀୟ ଜଳ ସମସ୍ୟା। ଗାଁରେ ଥିବା ନଳକୂପ ଗୁଡିକ ଅଚଳ ଯୋଗୁଁ ଲୋକେ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ନଳକୂପ ଉପରେ ଭରସା କରୁଛନ୍ତି। ସକାଳ ହେଉ କି ସନ୍ଧ୍ୟା ନଳକୂପରେ ପାଣି ଟୋପାଏ ପାଇଁ ମହିଳାଙ୍କ ମଧ୍ୟରେ କସରତ ଚାଲିଛି। ଦୀର୍ଘ ପାଞ୍ଚ ବର୍ଷ ଧରି ଏଭଳି ଜଳଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମରେ ବସବାସ କରୁଥିବା ୨୦୦ ପରିବାର। ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପାଟଣା ବିଡିଓ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କଲେ ମଧ୍ୟ ସୁଫଳ ମିଳି ପାରୁନାହିଁ। ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନାରେ ୫ ବର୍ଷ ତଳୁ ଖିରେଇଟାଙ୍ଗିରୀ ଠାରେ ଓଭରହେଡ ପାଣି ଟାଙ୍କି କରାଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ଉପକାରରେ ଆସୁନାହିଁ। ପାଇପ୍ ଯୋଗେ ଘରକୁ ଘର ଜଳ ଯୋଗାଣ ପାଇଁ ଗାଁ ଭିତରେ ଲାଗିଛି ପାଣି ଟ୍ୟାପ। ହେଲେ ଟ୍ୟାପରୁ ଟୋପାଏ ବି ପାଣି ବାହାରୁନି। ଫଳରେ ଗାଁ ମଝିରେ କୂଅରୁ ଅପରିଷ୍କାର ପାଣି ବ୍ୟବହାର କରି ନାନା ରୋଗରେ ପଡୁଛନ୍ତି ଗ୍ରାମବାସୀ। ଲୋକଙ୍କୁ ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ ବସୁଧା ଯୋଜନା ଠାରୁ ଆରମ୍ଭ କରି ମେଗା ଜଳ ପ୍ରକଳ୍ପରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଥିଲେ ଲୋକେ ଏଠାରେ ପାଣି ଟୋପାଏ ପାଇଁ ବର୍ଷ ବର୍ଷ ଧରି ସଂଘର୍ଷ କରୁଛନ୍ତି। ଖୁବ ଶୀଘ୍ର ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅସୁରକ୍ଷିତ ଅଙ୍ଗନବାଡ଼ି ଗୃହରେ ଚାଲିଛି ଶିକ୍ଷାଦାନ



**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକ ବହୁ ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ବର୍ଷ ବର୍ଷ ଧରି ସଂପୂର୍ଣ୍ଣ ହେଉନଥିବା ବେଳେ ବହୁ ଅସୁରକ୍ଷିତ ଗୃହରେ ଅଙ୍ଗନବାଡି କେନ୍ଦ୍ର ଚାଲିଛି। ଯାହାର ଉଦାହରଣ ବାଲିବରେଇ ଅଙ୍ଗନବାଡି କେନ୍ଦ୍ର। ଏହି କେନ୍ଦ୍ରରେ ଗୃହଟିର କାନ୍ଥ ଚାରିପଟେ ଫାଟି ଆଁ କରିଥିବା ବେଳେ ଅସୁରକ୍ଷିତ ପାଲଟିଛି। ଏହି କେନ୍ଦ୍ରରେ ୪୦ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ରୋଷେଇ ଘର ଭାଙ୍ଗି ଯାଇଛି। ବାରଣ୍ଡାରେ ରୋଷେଇ କରାଯାଉଛି। ନଳକୂପର ଦୂଷିତ ପାଣି ବ୍ୟବହାର କରାଯାଇଛି। କେନ୍ଦ୍ରର ଚାରିପାଶ୍ୱର୍ ପାଚେରି ନଥିବାରୁ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଲୋକମାନେ ମଳତ୍ୟାଗ କରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ସେଠାରେ ୪୦ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବାରୁ ଅସୁରକ୍ଷିତ ଗୃହରେ ଅଘଟଣ ଘଟିବାର ଆଶଙ୍କା ହୋଇଛି। ଜିଲ୍ଲାର ଡିଏମ୍ଏଫ୍ ଯୋଜନାର କୋଟି କୋଟି ଟଙ୍କା ଗଚ୍ଛିତ ଥିବାବେଳେ ଏଭଳି ଅସୁରକ୍ଷିତ ଗୃହରେ ଅଙ୍ଗନବାଡି କେନ୍ଦ୍ର ଚାଲିବା ପ୍ରଶାସନ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ସିଡିପିଓଙ୍କୁ ପଚାରିବାରୁ ଏଭଳି ଅସୁରକ୍ଷିତ ଗୃହ ସମ୍ପର୍କରେ ସୂଚନା ମିଳିଛି। ଖୁବଶିଘ୍ର ପଦକ୍ଷେପ ନିଆଯାଇ ନୂତନ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ପ୍ରାଥମିକ ଉପଚାର ଓ ଜଳଛତ୍ର



**ହାଟଡିହି, ୧୫।୧(ସମିସ):** ହାଟଡିହି ବ୍ଲକର ମା'ଗଡଚଣ୍ଡୀ ପୀଠରେ ମକରମେଳା ଉପଲକ୍ଷେ ଜୁନିଅର ରେଡକ୍ରସ୍ ହାଟଡିହି ଶାଖା ପକ୍ଷରୁ ପ୍ରାଥମିକ ଉପଚାର ଓ ଜଳଛତ୍ର ପ୍ରଦାନ କରାଯାଇଛି। ଏଥିରେ ସଢ଼ା ଓ ଶାସଙ୍ଗ ହାଇସ୍କୁଲର ଛାତ୍ର ସାମିଲ ହୋଇଥିବା ବେଳେ ଶିକ୍ଷକ ମାଧବାନନ୍ଦ ଜେନା ଓ ନବଘନ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲୋକମାନଙ୍କୁ ବିଶୁଦ୍ଧ ପିଇବା ପାଣି ଦେବା ସହିତ ପ୍ରାଥମିକ ଉପଚାର କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା।



ଶୀତ ଦିନରେ ସୋରିଷ ଫୁଲର ସୌନ୍ଦର୍ଯ୍ୟ ବାଟୋଇଙ୍କୁ କରୁଛି ଆକର୍ଷିତ (ଫଟୋ-ହାଟଡିହି)

## ନିର୍ମାଣ ଶ୍ରମିକଙ୍କ ଉପରେ ଦଲାଲଙ୍କ ଜୁଲମ

# ସହାୟତା ରାଶିରୁ ଦାବି କରୁଛନ୍ତି ସିଂହଭାଗ

ଆନନ୍ଦପୁର,୧୫।୧(ସମିସ)

ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ ସହାୟତା ଯୋଜନାରୁ ଉପକୃତ ହୋଇଥିବା ହିତାଧିକାରୀମାନଙ୍କ ଠାରୁ କେତେକ ଦଲାଲ ସିଂହ ଭାଗ ଦାବି କରୁଥିବା ଘଟଣାରେ ହିତାଧିକାରୀମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣ ଶ୍ରମିକ ତାଲିକା ପଞ୍ଜିକୃତ ସମୟରେ ସହଯୋଗ କରିଥିବା ଏହି ଦଲାଲମାନେ ଶ୍ରମ କାର୍ଯ୍ୟାଳୟ ପାଇଁ ଖର୍ଚ୍ଚ ଆଳରେ ସହାୟତା ପାଇଥିବା ହିତାଧିକାରୀମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ଏବଂ ଅର୍ଥ ଦେଇନଥିବା ହିତାଧିକାରୀଙ୍କୁ ବାରମ୍ବାର ଫୋନ କରି ଅର୍ଥ ଦାବି କରୁଥିବା ଘଟଣା ସାଧାରଣରେ ଅଭିଯୋଗ ହୋଇଛି। ତେବେ ନିର୍ମାଣ ଶ୍ରମିକ ପଞ୍ଜିକୃତ କରିବା ପାଇଁ ପ୍ରତିଯୋଗିତା ଚାଲିଥିବାରୁ ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ବାରିଗାଁ ଗ୍ରାମରେ ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁରେ ତାଙ୍କର ଏକମାତ୍ର ଝିଅକୁ ସହାୟତା ରାଶି ୫୦ ହଜାର ଟଙ୍କା ମିଳିଥିବା ବେଳେ କାଗଜପତ୍ରରେ ସହଯୋଗ କରିଥିବା ଦଲାଲ ୧୦ ହଜାର ଟଙ୍କା ଅଫିସ ଖର୍ଚ୍ଚ ପାଇଁ ବାରମ୍ବାର ଫୋନ କରୁଥିବା ଘଟଣାରେ ମୃତ ପରିବାର ବ୍ୟସ୍ତ ଓ ବିବ୍ରତ ହୋଇଥିବା ଜଣାଯାଇଛି। ସେହିପରି ବେଲବାହାଲି ଗ୍ରାମର ଜନୈକ ପରିବାର ବିବାହ ସହାୟତା ରାଶି ୫୦ ହଜାର ଟଙ୍କା ପାଇଥିବା ବେଳେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଖର୍ଚ୍ଚ ପାଇଁ ୨୦ ହଜାର ଟଙ୍କା ଆଦାୟ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ କରିବା ପାଇଁ ବୁଲୁଥିବା ଏଜେଣ୍ଟ ମାନେ ଏହି କାର୍ଯ୍ୟରେ ଲାଗି ପଡିଥିବା ବେଳେ ନିରୀହ ଗରିବ ଲୋକଙ୍କଠାରୁ ବିଭିନ୍ନ ଆଳ ଦେଖାଇ ହଜାର ହଜାର ଟଙ୍କା ଆଦାୟ କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାଇ ଅନ୍‌ଲାଇନ ଯୋଗେ ଆବେଦନ କରିବାର ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ଆବେଦନକାରୀଙ୍କଠାରୁ ବିଭିନ୍ନ ଆଳ ଦେଖାଇ ଅର୍ଥ ଆଦାୟ କରାଯାଉଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ନାଁରେ ହିତାଧିକାରୀମାନଙ୍କଠାରୁ ହେଉଥିବା ଅର୍ଥ ଆଦାୟ ଘଟଣାର ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପ୍ରକାଶ ପାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ସରକାର ନିର୍ମାଣ ଶ୍ରମିକ ଯୋଜନାରେ ଶ୍ରମିକ ପରିବାରଙ୍କୁ ବିବାହ ସହାୟତା, ଶିକ୍ଷା ସହାୟତା, ମୃତ୍ୟୁକାଳୀନ ଓ ଦୁର୍ଘଟଣା ସହାୟତା, ସ୍ୱାଭାବିକ ମୃତ୍ୟୁଜନିତ ଅନ୍ତେଷ୍ଟିକ୍ରିୟା ସହାୟତା ଦୁରାରୋଗ୍ୟ ଚିକିତ୍ସା ସହାୟତା, ପ୍ରସୂତିକାଳୀନ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା, ସାଇକଲ ସହାୟତା, କୁଶଳତା ଅଭିବୃଦ୍ଧି ତାଲିମ ସହାୟତା, ପକ୍କା ଘର ନିର୍ମାଣ ସହାୟତା, ବିଶ୍ରାମକାଳିନ ସହାୟତା ପାଇଁ ଆର୍ଥିକ ବ୍ୟୟବରାଦ କରିଥିଲେ ମଧ୍ୟ କେତେକ ଦଲାଲଙ୍କ ଅର୍ଥଖୋର ମନୋଭାବ ଯୋଗୁ ନିର୍ମାଣ ଶ୍ରମିକମାନେ ଶୋଷଣର ଶିକାର ହେଉଥିବା ଜଣାଯାଇଛି। ଏନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗା ଯୋଗ କରାଯାଇଥିଲେ ମଧ୍ୟ ଯୋଗସୂତ୍ର ସ୍ଥାପନ ହୋଇ ନପାରିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

ଭୀମକୁଣ୍ଡ ଓ ଭୈରବକୁଣ୍ଡରେ ପ୍ରବଳ ଜନସମାଗମ

# ଭୀମକୁଣ୍ଡ ମହୋତ୍ସବ ଉଦ୍‌ଘାଟିତ

ଠାକୁରମୁଣ୍ଡା, ୧୫।୧(ସମିସ): ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡ ଏବଂ ଭୈରବକୁଣ୍ଡରେ ଚଳିତ ବର୍ଷ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭୀମକୁଣ୍ଡଠାରେ ଭୀମକୁଣ୍ଡ ମୋହତ୍ସବ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଓ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋଟିଂ ଗ୍ରାମ ନିକଟରେ ଥିବା ଭୀମକୁଣ୍ଡରେ ଅନୁଷ୍ଠିତ ମକର ମେଳାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଭୈରବକୁଣ୍ଡରେ ମଧ୍ୟ ପ୍ରବଳ ଜନସମାଗମ ହୋଇଥିବା ଲକ୍ଷ୍ୟ କରାଯାଇଛି। ଶ୍ରଦ୍ଧାଳୁମାନେ ସକାଳୁ ବୈତରଣୀ ନଦୀରେ ବୁଡ଼ ପକାଇବା ସହିତ ଉଭୟ ପାର୍ଶ୍ୱରେ ଥିବା ଶିବମନ୍ଦିରରେ ପୂଜାର୍ଚ୍ଚନା କରିବା ନିମନ୍ତେ ଭିଡ଼ ଜମାଇଥିଲେ। ପୂର୍ବରୁ ବୈତରଣୀ ନଦୀର ଭୀମକୁଣ୍ଡରେ ଠାକୁରମୁଣ୍ଡା ବ୍ଲକ ଓ ପାଟଣା ବ୍ଲକକୁ ସଂଯୋଗ ନ ଥିବା କାରଣରୁ ଲୋକେ ନଦୀର ଗୋଟିଏ ପାର୍ଶ୍ୱରେ ରହି ଯାଉଥିଲେ। ଏବେ ବୈତରଣୀ ନଦୀ ଉପରେ ପୋଲ ନିର୍ମାଣ ଶେଷ ହୋଇଯାଇଥିବାରୁ ଚଳିତ ବର୍ଷ ଲୋକେ ମକର ମେଳାକୁ ଉପଭୋଗ କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଚଳିତବର୍ଷ ୧୮ତମ ଭୀମକୁଣ୍ଡ ମହୋତ୍ସବ ଉଦଘାଟିତ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ମୁଖ୍ୟଅତିଥିରୂପେ ପୁଲିସ ଅଧିକାରୀ ବ୍ରଜମୋହନ ନାୟକ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ, ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ, ଅବସରପ୍ରାପ୍ତ ବନକର୍ମଚାରୀ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀର ବାଲିଘାଟଠାରେ ଥିବା ଭୈରବକୁଣ୍ଡ ମକରମେଳାରେ ମଧ୍ୟ ପ୍ରବଳ ଜନସମାଗମ ହୋଇଥିଲା।






## ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ମହୁଲଡିହା, ୧୫।୧(ସମିସ): ରବିବାର ସନ୍ଧ୍ୟାରେ ଘରେ କେହି ନ ଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘରର ମୁଖ୍ୟ ଦ୍ୱାର ସହ ୩ ଚାବି ଭାଙ୍ଗି ଗହଣା ଟଙ୍କା ସମେତ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମହୁଲଡିହା ଥାନା ଅଧୀନ ଘୁଲୁଘୁଲିଆ ଗ୍ରାମର ପ୍ରଫୁଲ୍ଲ ମହାନ୍ତଙ୍କ ପୁତ୍ର ଠାକୁରଦାସ (୩୮) କହିନିପୁରା ବିଦ୍ୟାଳୟ (ଆନନ୍ଦପୁର)କୁ ମକର ସଂକ୍ରାନ୍ତିରେ ପୁଅକୁ ଆଣିବା ପାଇଁ ଅପରାହ୍ନରେ ଯାଇଥିଲେ। ଫଳରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ଚାବି ଭାଙ୍ଗି ଆଲମାରୀରେ ଥିବା ୪୫ ହଜାର ଟଙ୍କା ସମେତ ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ଚେନ, ୩ ହଳ କାନଫୁଲ, ଦୁଇଟି ମୁଦି, ଗୋଟିଏ ନେକଲେସ ଓ ଦୁଇଭରିର ସୁନା ଚୁଡି ଲୁଟି ନେଇ ପଳାଇଛନ୍ତି। ଏ ନେଇ ଠାକୁରଦାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

## ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମା



ରାଇରଙ୍ଗପୁର, ୧୫।୧(ସମିସ): କୋଟି ଓଡିଆଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଆସନ୍ତା ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ। ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଜଗନ୍ନାଥପ୍ରେମୀମାନେ ଗାଁରୁ ସହର ଜଗନ୍ନାଥଙ୍କ ଅର୍ପଣ ରଥ ସହ ସଂକୀର୍ତ୍ତନ ମଣ୍ଡଳ ସହ ପ୍ରତ୍ୟେକ ଘରକୁ ଘର ବୁଲୁଛନ୍ତି। ରାଇରଙ୍ଗପୁର ପୌରାଞ୍ଚଳର ସମସ୍ତ ୧୫ଟି ୱାର୍ଡରେ ଅର୍ପଣ ରଥ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସମସ୍ତ ୱାର୍ଡବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ଅକ୍ଷତ ଅରୁଆ ଚାଉଳ, ଗୋଟିଗୁଆ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ମହିଳାମାନେ ରଥକୁ ଶଙ୍ଖ, ହୁଳହୁଳି ଓ କୀର୍ତ୍ତନ ସହକାରେ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ସମଗ୍ର ରାଇରଙ୍ଗପୁର ପୌରାଞ୍ଚଳ ଜଗନ୍ନାଥ ମୟ ହେବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଜଗନ୍ନାଥ ନାରାରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ରାଇରଙ୍ଗପୁର ପୌରାଧକ୍ଷ ଅଭିଶେକ ପଟ୍ଟନାୟକଙ୍କ ସଂଯୋଜନାରେ ପୌର ଅଧିକାରୀ ରମେଶ ଚନ୍ଦ୍ର ନାୟକ, ରାଜ୍ୟ ବିଜୁ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ପୌର ଉପାଧକ୍ଷଙ୍କ ମମିତା ଚୌଧୁରୀ, କାଉନସିଲର ପୂର୍ଣ୍ଣିମା ମହାନ୍ତ, ଧୀରା ବେଶ୍ରା, ସାଇରୁନ ନିଶା, ଆରତୀ ମାରାଣ୍ଡି, ଚନ୍ଦ୍ରକାନ୍ତା ସେଠୀ ସମେତ ମିଶନ ଶକ୍ତି ସଦସ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥୀ ସମେତ ବହୁ ଜଗନ୍ନାଥପ୍ରେମୀ ସାମିଲ ହୋଇଥିଲେ। ପରିଚାଳନାରେ ନୀଳକଣ୍ଠ ବିଶ୍ୱାଳ, ସୁରେଶ ସ୍ୱାଇଁ, ଶୁଭଦ୍ରା ଶୁଭଦର୍ଶୀନୀ, ମୋତିଲାଲ ମହାନ୍ତ ସହଯୋଗ କରିଥିଲେ।

## ବେତନଟୀ କାଉଣ୍ଟରରୁ ପ୍ରଥମ ଟିକଟ କିଣିଲେ ଶିକ୍ଷକ

ବେତନଟୀ, ୧୫।୧(ସମିସ): ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେତନଟୀ ରେଳ ଷ୍ଟେସନର ସବୱେ ଓ ଟିକଟ ସଂରକ୍ଷଣ କାଉଣ୍ଟରକୁ ଉଦଘାଟନ କରିଥିଲେ। ଏହା ପରେ ୧୫ ତାରିଖ ଦିନ ପ୍ରଥମକରି ଉକ୍ତ ଟିକଟ କାଉଣ୍ଟରରୁ ବରିଷ୍ଠ ବାଣିଜ୍ୟ ସହାୟକ ବସନ୍ତ କୁମାର ଜେନାଙ୍କ ହସ୍ତରୁ ଭୁବନେଶ୍ୱରକୁ ଯିବା ଓ ଆସିବା ନିମନ୍ତେ ସଂରକ୍ଷଣ ଟିକଟ କିଣିଥିଲେ ରାଷ୍ଟ୍ରପତି ପୁରସ୍କୃତପ୍ରାପ୍ତଶିକ୍ଷକସଚ୍ଚିଦାନନ୍ଦମହାନ୍ତି। ଏଥିପାଇଁବେତନଟୀ ଷ୍ଟେସନ ମ୍ୟାନେଜର ମେଘରାୟ ହାଁସଦା ଶୁଭେଚ୍ଛା ଜଣାଇବା ସହିତ ଷ୍ଟେସନ ଡାଇରୀରେ ଏହା ଲିପିବଦ୍ଧ କରାଯିବାର ବାର୍ତ୍ତା ଦେଇଛନ୍ତି। ଅନ୍ୟପକ୍ଷରେ ସିଭିଲ ସୋସାଇଟି, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ମୟୂର ସାହିତ୍ୟ ସଂସଦର ଅନେକ କର୍ମକର୍ତ୍ତା ଶ୍ରୀ ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସତ୍ୟସାଇ ସମିତି ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ

ଉଦଳା, ୧୫।୧(ସମିସ): ଆଜି ଉଦଳା ସତ୍ୟସାଇ ସେବା ସମିତିର ନୂତନ କର୍ମକର୍ତ୍ତାମାନେ ଶପଥ ପାଠ କରିଛନ୍ତି। ପୂର୍ବ ପ୍ରସ୍ତୁତି ଅନୁସାରେ ଭୋରୁ ମନ୍ଦିର ପ୍ରାଙ୍ଗଣରୁ ସୁପ୍ରଭାତମ ପରେ ନଗର ସଂକୀର୍ତ୍ତନ କରାଯାଇଥିଲା। ସକାଳ ୭ଟାରେ ଷୋଡ଼ଶ ଉପଚାର ପୂଜା ପରେ ଘ୮.୧୫ମିନିଟରେ ଦିବ୍ୟ ପ୍ରଶାନ୍ତି ପତାକା ଆବାହକ ବିଜୟ କୁମାର ବେହେରାଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା। ସଦସ୍ୟମାନଙ୍କ ଦ୍ୱାରା ସତ୍ୟସାଇ ବାବାଙ୍କ ଲକ୍ଷ୍ୟାର୍ଚ୍ଚନା କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସନ୍ଧ୍ୟାରେ ଭଜନ ପରେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଆବାହକ ଭାବେ ବିଜୟ କୁମାର ବେହେରା, ଆଧ୍ୟାତ୍ମିକ ସଂଯୋଜକ ଭାବେ ସୁବଳ ବେହେରା, ସେବା ସଂଯୋଜକ ଭାବେ ଶଶିକାନ୍ତ ମିଶ୍ର, ଶିକ୍ଷା ସଂଯୋଜକ ଭାବେ ଶାନ୍ତନୁ କୁମାର ଦାଶ, ଯୁବ ସଂଯୋଜକ ଭାବେ ଅଧିରଥ ମୁଦୁଲି ଓ ମହିଳା ବିଭାଗର ଆଧ୍ୟାତ୍ମିକ ସଂଯୋଜିକା ଭାବେ ଜୟନ୍ତୀ ରାୟ, ସେବା ସଂଯୋଜିକା ଭାବେ ସେଲିନା ନାୟକ, ଶିକ୍ଷା ସଂଯୋଜିକା ଭାବେ ପାର୍ବତୀ ମୁଦୁଲି, ଯୁବ ସଂଯୋଜିକା ଭାବେ ପ୍ରିୟଦର୍ଶିନୀ ଲେଙ୍କା ଶପଥ ପାଠ କରିଥିଲେ।



## ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ




କୁଆମରା, ୧୫।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ 'ନୂଆ-ଓ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ଓଡିଆ କବିତା ଲିଖନ, ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ, ହସ୍ତାକ୍ଷର, ସାଧାରଣ ଜ୍ଞାନ ଓ ସୁଷମ ଖାଦ୍ୟ ପ୍ରସ୍ତୁତି ଉପରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଜିର ଉଦଘାଟନୀ ଉତ୍ସବରେ ଅଧକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଲେଜ ପରିଚାଳନା ପରିଷଦର ସଭାପତି ମନମୋହନ ମହାପାତ୍ର, ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଶଶାଙ୍କଶେଖର ମହାନ୍ତି, କାର୍ଯ୍ୟକ୍ରମର ଦୁଇ ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ ସେନାପତି ଓ ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ, ଆବାହକ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜଗନ୍ନାଥଙ୍କ ଚେତନାକୁ ନେଇ ଆୟୋଜିତ ସାଧାରଣ ଜ୍ଞାନ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅବନୀ କୁମାର ମହାନ୍ତି, ଛତିଶ ଦାସ, ବିବେକାନନ୍ଦ ଗିରି, ନମିତା ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ବିଶ୍ୱନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଟୁସୁ ପର୍ବରେ ରାଇରଙ୍ଗପୁର ଉତ୍ସବମୁଖର

ରାଇରଙ୍ଗପୁର, ୧୫।୧(ସମିସ): ମକର ସଂକ୍ରାନ୍ତିରେ ପାଳନ ହେଉଥିବା ଟୁସୁ ପର୍ବରେ ମୟୂରଭଞ୍ଜର ସଂସ୍କୃତି, ପରମ୍ପରା ଓ ସାମାଜିକ ଚଳଣି ପରିଲକ୍ଷିତ ହୋଇଥାଏ। ଫଳରେ ସମଗ୍ର ଅଞ୍ଚଳ ଟୁସୁ ଗୀତ ଓ ମଦଳ ଧାମସା ତାଳରେ ଦୁଲୁକି ଉଠିଥାଏ। ତିନି ଦିନ ଧରି ଚାଲିବାକୁ ଥିବା ମହାନ୍ତ ସମ୍ପ୍ରଦାୟ ଲୋକେ ଏହି ଗଣପର୍ବର ପ୍ରଥମ ଦିନକୁ ବାଉଣ୍ଡି ପର୍ବଭାବେ ପାଳନ କରିଥାନ୍ତି। ଏହି ଦିନ ଚାଉଳ ଚୁନାରୁ ବିଭିନ୍ନ ପ୍ରକାର ପିଠାପଣା ତିଆରି କରାଯାଇଥାଏ। ଦ୍ୱିତୀୟ ଦିନ ସକାଳେ ନଦୀ ବା ଜଳାଶୟରେ ବୁଡ଼ ପକାଇସାରିଲା ପରେ ଅଘିରାକୁ ଜଳାଇ ସେଥିରେ ସେକି ହୋଇ ବାଣରସଣି ଫୁଟାଇ ଘରକୁ ଫେରିଥାନ୍ତି। ଲୋକମାନଙ୍କ ବିଶ୍ୱାସ ରହିଛି ଯେ, ମକର ବୁଡ଼ ପକାଇଲେ ପାପ ଦୂର ହୋଇଥାଏ ଏବଂ ସମସ୍ତଙ୍କ ଜୀବନରେ ଶାନ୍ତି ମିଳିଥାଏ। ଏହା ପରେ ନୂତନ ବସ୍ତ୍ର ପିନ୍ଧି ମକର ପର୍ବରେ ଟୁସୁ ମୂର୍ତ୍ତିକୁ ପୂଜା କରାଯାଇଥାଏ। ପରବର୍ତ୍ତୀ ସମୟରେ ନାଚଗୀତରେ ମଉଜ ମଜଲିସ କରିଥାନ୍ତି ଏହି ସମ୍ପ୍ରଦାୟର ଲୋକେ। ମକରପର୍ବ ଜିଲ୍ଲାର ପ୍ରତି ଗାଁରେ ଆଡମ୍ବର ସହକାରେ ପାଳନ କରାଯାଇଥାଏ। ଏହି ପର୍ବ ସାଧାରଣତଃ ମୟୂରଭଞ୍ଜ, କେନ୍ଦୁଝର ଏବଂ ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ମକର ପର୍ବ ସହିତ ଟୁସୁ ପର୍ବକୁ ଏହି ଅଞ୍ଚଳର ଲୋକମାନେ ବହୁ ହର୍ଷ ଉଲ୍ଲାସରେ ପାଳନ କରିଥାନ୍ତି। ଟୁସୁଙ୍କ କିମ୍ବଦନ୍ତୀ ଅନୁସାରେ, ଏକଦା ଟୁସୁ ନାମରେ ଜଣେ ଦେବୀ ଥିଲେ। ସେହି ଦେବୀ ଜଣେ ବିଧର୍ମୀ କବଳରୁ ନିଜକୁ ରକ୍ଷାକରିବାକୁ ଯାଇ ଟୁସୁ ଦେବୀ ଅତିତରେ ନିଜକୁ ଗଭୀର ଜଳାଶୟକୁ ବିସର୍ଜନ କରିଥିଲେ। ଏଣୁ ଲୋକମାନେ ଟୁସୁଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କୁ ପୂଜା କରିଥାନ୍ତି। ଯୁବତୀମାନେ ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି। ଗ୍ରାମାଞ୍ଚଳରେ ଟୁସୁ ଦେବୀଙ୍କୁ ନେଇ ଗୀତ ଗାଇ ଘରକୁ ଘର ବୁଲି ଟୁସୁମେଳା ବା ଟୁସୁ ଭସାଇବାକୁ ନେଇଥାନ୍ତି। ବହୁତ ଜାକଜମକରେ ନଦୀ ବା ପୋଖରୀରେ ବସର୍ଜନ କରିଥାନ୍ତି। ମକର ସଂକ୍ରାନ୍ତି ଦିନଠାରୁ ବିଭିନ୍ନ ଗ୍ରାମରେ ଟୁସୁ ମେଳା ଓ କ୍ରୀଡା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥାଏ। ଏଥିସହିତ କୁକୁଡା ଲଢେଇ ଏହି ପର୍ବକୁ ଅଧିକ ରମାଞ୍ଚକ କରିଥାଏ। ଏହି ପର୍ବକୁ ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ବଡପର୍ବ ଭାବେ ପାଳନ କରାଯାଏ। ସୋମବାର ରାଇରଙ୍ଗପୁର ନିକଟ ଚାକଦର, ରାଣୀବନ୍ଧ, ବାଲିଆଡ଼ିପା ଗାଁରେ ଟୁସୁ ମେଳା ଆୟୋଜନ କରାଯାଇଥିଲା। ଶେଷରେ ଶ୍ରେଷ୍ଠ ଟୁସୁ ପ୍ରତିମୂର୍ତ୍ତିକୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା।



## ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ



ବେତନଟୀ ୧୫।୧(ସମିସ): ବେତନଟୀ କଳାବିକାଶ କେନ୍ଦ୍ରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପରିଷଦର ସଭାପତି ରାଧାମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡାକ୍ତର ସୁଶୀଲ କୁମାର ଘୋଷ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିଲେ। ତାଙ୍କର ଓଡ଼ିଆ ସାହିତ୍ୟ ଜଗତକୁ ଅନେକ ଗଳ୍ପ, ଉପନ୍ୟାସ ରଚନା କରି ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧିରେ ବିଶେଷ ଅବଦାନ ସମ୍ବନ୍ଧରେ ଆଡ୍‌ଭୋକେଟ୍ ସଚ୍ଚିଦାନନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡଃ ମନ୍ଦାକିନୀ ସାହୁ, ସାହିତ୍ୟିକ ବିଜୟ କୁମାର ଦ୍ୱିବେଦୀ, ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ଓ ପରିଷଦର ସଦସ୍ୟ ଶ୍ୟାମପ୍ରସାଦ ମତୁଆଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଲକ୍ଷ୍ମୀଧର ଭୋଇ, ରାଧାକୃଷ୍ଣ ପାତ୍ର, କମଳଲୋଚନ କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ ଈଶ୍ୱରଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାତୃ ସମ୍ମିଳନୀ



ବଡ଼ସାହି, ୧୫।୧((ସମିସ): ମାଣତ୍ରୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସମସ୍ତ ଛାତ୍ରଛାତ୍ରୀଙ୍କ ମାଆମାନଙ୍କୁ ନେଇ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ପ୍ରାରମ୍ଭରେ ଦେଶ ବନ୍ଦନା, ମାତୃ ବନ୍ଦନା ଗାନ କରାଯାଇଥିଲା। ପରେ ଅନୁଷ୍ଠାନର ମୁଖ୍ୟ ପ୍ରତିଷ୍ଠାତା ଏବଂ ପରିଚାଳକ ଲୋକନାଥ କବାଟ ଶିଶୁର ସର୍ବାଙ୍ଗୀନ ଉନ୍ନତି ପଛରେ ମାଆମମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀ ଶେଷରେ ମାଆ ଏବଂ ଅନୁଷ୍ଠାନର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କ ମଧ୍ୟରେ ଶିଶୁର ସର୍ବାଙ୍ଗୀନ ଉନ୍ନତି ଉପରେ ବାର୍ତ୍ତା ବିନିମୟ ହୋଇଥିଲା। ଶେଷରେ ସମସ୍ତ ଗୁରୁଜୀ, ଗୁରୁମାଙ୍କ ଉପସ୍ଥିତିରେ ମାଆମାନଙ୍କୁ ସେମାନଙ୍କର ଚେଷ୍ଟା, ସହନଶୀଳତା, ଧୈର୍ଯ୍ୟ ଓ କର୍ତ୍ତବ୍ୟ ପରାୟଣତା ଏବଂ ଅଙ୍ଗୀକାରବଦ୍ଧତା ପାଇଁ ଧନ୍ୟବାଦ ଅର୍ପଣ କରାଯାଇ ସମ୍ମିଳନୀ ସମାପ୍ତ ହୋଇଥିଲା।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଶୁଣୁନି ପୂର୍ତ୍ତ ବିଭାଗ | ସାଧାରଣରେ ବଢୁଛି ଅସନ୍ତୋଷ

# ଉପଖଣ୍ଡ ଡାକ୍ତରଖାନା ଫାଟକ ସମ୍ମୁଖ ରାସ୍ତା ନିର୍ମାଣ କେବେ?

ଉଦଳା, ୧୫।୧(ସମିସ): କପ୍ତିପଦା ଉପଖଣ୍ଡର ଉଦଳା ଚିକିତ୍ସାଳୟ ଉପରେ ୪ଟି ବ୍ଲକର ପ୍ରାୟ ୫ ଲକ୍ଷ ଜନସାଧାରଣ ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରନ୍ତି। ଏହି ଉପଖଣ୍ଡ ଡାକ୍ତରଖାନାର ବେଶ୍ ଗୁରୁତ୍ୱ ରହିଥିବାବେଳେ ମୁଖ୍ୟ ଫାଟକ ସମ୍ମୁଖ ଛକ ଏବେ ଦୁର୍ଘଟଣାପ୍ରବଣ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହି ଛକଟି ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଏବଂ ଜନଗହଳି। କାରଣ ଏହି ଛକରେ ଉଦଳାର ବିଚାର ବିଭାଗୀୟ କୋର୍ଟ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବନବିଭାଗ କାର୍ଯ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, ମୁଖ୍ୟ ଡାକଘର, ଉଦଳା ଥାନା, କଲ୍ୟାଣ ମଣ୍ଡପ, ପଶୁ ଚିକିତ୍ସାଳୟ, ପାଠାଗାର, ଲ୍ୟାମ୍ପ୍ସ, ଏମସିସି ବ୍ୟାଙ୍କ, ଟେଲିଫୋନ ଭବନ ଆଦି ରହିଛି। ତେଣୁ ଏହି ରାସ୍ତା ଅତି ଗୁରୁତ୍ୱପୂର୍ଣ୍ଣ ବହନ କରେ। ପାଞ୍ଚଟି ଦିଗକୁ ଯାଇଥିବା ଏହି ରାସ୍ତା ଅତ୍ୟନ୍ତ ସମ୍ବେଦନଶୀଳ। ଅପରପକ୍ଷରେ ଅଧିକାଂଶ ସମୟରେ ଡାକ୍ତରଖାନାକୁ ଅମ୍ବୁଲାନ୍ସ ଯିବାଆସିବା କରିବା ସହିତ ଦମକଳ ଗାଡି ମଧ୍ୟ ଯାଆଆସ କରୁଛି। ଏହି ଛକଟି ଏମିତି ଭାବେ ରହିଛି ଯେ ଡାକ୍ତରଖାନାକୁ ଆସୁଥିବା ଆମ୍ବୁଲାମ୍ସ ହେଉ କି ଦମକଳ ଗାଡି କିମ୍ବା ଅନ୍ୟ ରୋଗୀ ବାହକ ଯାନଗୁଡିକ ତିନିକୋଣିଆ ଛକରେ ପ୍ରବେଶ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ସେହିସମୟରେଅନ୍ୟକୌଣସି ଗାଡି ଆସିଗଲେ ଟ୍ରାଫିକ୍ ପୂରା ଜାମ। ପ୍ରାୟସବୁ ଦିନ ଏହି ଛକରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ନଜିର ରହିଛି। ଏହି ଛକକୁ ପୁନରୁଦ୍ଧାର ନିମନ୍ତେ ବାରମ୍ବାର ଦାବି ହେଉଥିଲେ ମଧ ଦୀର୍ଘ ବର୍ଷଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଉପଖଣ୍ଡର ସମସ୍ତ ଉଚ୍ଚ ପଦାଧିକାରୀ ଏହି ଛକ ଦେଇ ଯା'ଆସ କରୁଥିଲେ ମଧ କାହାର ନଜର ନ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଗତ ୨୦୨୩ ଅପ୍ରେଲ ମାସରେ ଜିଲ୍ଲାପାଳ ଅଚାନକ ଉଦଳା ଡାକ୍ତରଖାନା ପରିଦର୍ଶନ କରିବା ସମୟରେ ଆମ୍ବୁଲାନ୍ସ ପାଇଁ ସମ୍ମୁଖ ରାସ୍ତାର ଗୁରୁତ୍ୱ ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ତୁରନ୍ତ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସ୍ଥାନରେ ବିଦ୍ୟୁତ ବିଭାଗର ଏକ ଟ୍ରାନ୍ସଫର୍ମର ବସାଯାଇ ଆବଦ୍ଧ ସରିଥିଲେ ହେଁ ଆମ୍ବୁଲାନ୍ସ ପାଇଁ ରାସ୍ତା ସ୍ଥାନ ସେମିତି ଫାଙ୍କା ପଡ଼ିଛି। ଫଳରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାର ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ପୂର୍ତ୍ତ ବିଭାଗ ଶୁଣୁନାହିଁ। ତେଣୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଡାକ୍ତରଖାନ ଫାଟକର କଳେବର ବିଭାଗ କରୁଥିବା ବେଳେ ଆବଶ୍ୟକ ଥିବା ଆମ୍ବୁଲାନ୍ସ ରାସ୍ତାକୁ ଗୁରୁତ୍ୱ ଦେଉନାହିଁ। ଅପରପକ୍ଷରେ ଏହି ଛକରେ ଏକ ହାଇମାଷ୍ଟ ଲାଇଟ ଲଗାଇବାକୁ ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ଦାବି କରିଛନ୍ତି। ତେଣୁ ଏହି ୫ଟି ରାସ୍ତା ସଂଯୋଗ ବିଶିଷ୍ଟ ଛକକୁ ଯୁଦ୍ଧକାଳୀନଭିତ୍ତିରେ ନିର୍ମାଣ କରିବାକୁ ଭଞ୍ଜସେନା ଉପଖଣ୍ଡ ସଭାପତି ରବିନ ମହାନ୍ତି ଦାବି କରିଛନ୍ତି।



